ଶ୍ରୀ ଉତ୍କଳ ସଂଘ ଲାଇବ୍ରେରୀ
ନଂ..........
ତା 17 JUL 1959
ରାଉରକେଲା

# ଉତ୍ସର୍ଗ

୦
୨୩୪

ଛୋଟ ଛୋଟୀ

ଗଳ୍ପ

ସୋଲ ଏଜେଣ୍ଟ:

ଜନ-ସାହିତ୍ୟ ପ୍ରକାଶନ

ରଙ୍ଗାମଟ୍ଟିଆ, କଟକ—୧

17 JUN 1959

# ପ୍ରିୟା ଓ ପାନ

—କୃଷ୍ଣମୋହନ ମହାନ୍ତି

"ଧୂପ ଧୂଆଁରେ ସୁରଭିତ କୁଞ୍ଚିତ କାକ-କୃଷ୍ଣ କୁନ୍ତଳରେ ସେ ରଚିଥିବ କେତକୀ ପାଖୁଡ଼ାର ପୁଷ୍ପଗନ୍ଧ । କୁସୁମ ପରାଗ ରେଣୁରେ ରଂଜିତ ହୋଇଥିବ ତାର ସୁଷମ ଅଂଗ ବଲ୍ଲରୀ । କ୍ଷୀଣ ନୀଳ ଉତ୍ତରୀୟ; କସ୍ତୁରୀଚନ୍ଦନ ପଙ୍କରେ ପତ୍ରାବଳୀ ଚର୍ଚ୍ଚିତ ବକ୍ଷ ତାର ଆବୃତ କରିଥିବ । ଅଲକ୍ତକ ରାଗ ରଂଜିତ ପଦରେ ତାର କନକ ନୂପୁର ଶବ୍ଦାୟିତ ହୋଇ ଉଠୁଥିବ । ନୀଳୋତ୍ପଳ ନୟନ ଯୁଗଳରେ ଥିବ ଆଦ୍ୟ ଆଷାଢ଼ର ନବ ମେଘର ଚଳମାନ ଛନ୍ଦ ଓ ଜ୍ୟୋତ୍ସ୍ନାଶୀତଳ ପଲ୍ଲୀରଜନୀର ଗମ୍ଭୀରତା ଓ ସ୍ନିଗ୍ଧମାଧୁରୀ । ତାମ୍ବୂଳ ରାଗ ରଂଜିତ ଅଧରୋଷ୍ଠରେ ତାର ଫୁଟି ଉଠୁଥିବ ସଲଜ୍ଜ ସ୍ମିତ । ସ୍ତବ୍ଧ ଅର୍ଦ୍ଧ ରାତ୍ରିର ଅଭିସାରିକା ପୁଷ୍ପରେଣୁ ବର୍ଷି ମୋର ଲୋଲୁପ ଦୃଷ୍ଟି ଅନ୍ଧ କରିଦେଇ ଲୀଳାକମଳ ସଞ୍ଚାଳିତ କରି କନକ ପ୍ରଦୀପ ନିର୍ବାପିତ କରିଦେବ ।"

ଭାବାବେଶରେ ନୂପୁର ମୁଦ୍ରିତ କରି ମୁଁ ବଟକୃଷ୍ଣଙ୍କର ଅନାଗତା, ବାସକ-ସଜ୍ଜିତା ପ୍ରାଚ୍ୟ ପ୍ରିୟାର ରୂପ ବର୍ଣ୍ଣନା ଶୁଣୁଥିଲି ।

ଶ୍ରୀମାନ୍ ବଟକୃଷ୍ଣଙ୍କ ସହିତ ମୋର ପରିଚୟ ଆଜିର ନୁହଁ— ସେ ପରିଚୟ ଭିତରେ ବି ଟିକିଏ ରହସ୍ୟ ଅଛି ।

ପ୍ରଳୟ ପୟୋଧିଜଳେ ଶିଶୁ କୃଷ୍ଣ ବଟପତ୍ର ଉପରେ ଭାସୁଥିବାର ପୌରାଣିକ ପ୍ରବାଦ ଅଛି । ସେତେବେଳେ ସେ ହୁଏତ ଯୋଗ ନିଦ୍ରାରେ ଶୋଇରହି ଆଗାମୀ ସୃଜନର ସ୍ୱପ୍ନ ଦେଖୁଥିଲେ । ଘା ଘାଉଡ଼ୁଭରା, ସଦା କ୍ରନ୍ଦନଶୀଳ, ପ୍ରଳୟର ପ୍ରତୀକ, ବଟକୃଷ୍ଣଙ୍କୁ ଯୋଗନିଦ୍ରାଭିଭୂତ କରାଇବାକୁ ଶିଶୁ ବୟସରୁ ତାଙ୍କୁ କଳାକୃଷ୍ଣଙ୍କ ସହିତ ପରିଚିତ ହେବାକୁ ପଡ଼ିଥିଲା । କେତେବେଳେ ସେ ଅନାଗତ ସୃଜନର ସ୍ୱପ୍ନରେ ମସ୍‌ଗୁଲ୍ ରହି ଶାନ୍ତ ସମାହିତ ହେଉଥିଲେ ମୁଁ ଜାଣେନା, କିନ୍ତୁ ତାଙ୍କର ପ୍ରଳୟଙ୍କରୀ ମୂର୍ତ୍ତି ସହିତ ଅନୁକ୍ଷଣ ଥିଲି ମୋର ପରିଚିତି ।

ତାଙ୍କର ଏଇ ନଟରାଜ ମୂର୍ତ୍ତି ଦରଶ ପିଆସୀ ମୁଁ, ସ୍ୱଭାବତ କାର୍ଯ୍ୟକାରୀ ଭକ୍ତ ହୋଇ ଉଠିଥିଲି । କେବଳ ମୁଁ ନୁହେଁ, ତାଙ୍କର ଏଇ ମୂର୍ତ୍ତି ଦର୍ଶନଲିପ୍ସୁ ବହୁ ଭକ୍ତଙ୍କର ସମାବେଶ ହେଉଥିଲା ତାଙ୍କ ଘରେ । କ୍ରମେ ତାଙ୍କ ସହିତ ମୋର ଷଷ୍ଠୀ ବିଭକ୍ତି ଏତେ ନିବିଡ଼ ହୋଇ ଉଠିଲା ଯେ ମୋର ପଦେ କଥାରେ ସେ ନଟରାଜ ମୂର୍ତ୍ତି ପରିତ୍ୟାଗପୂର୍ବକ ମୋ ସହିତ ମଧୁର ସଂପର୍କ ସ୍ଥାପନ କରି ବସୁଥିଲେ । କିନ୍ତୁ ସେ କାଇଁଶିକା ଶରଟା ଯେ ଦିନେ ଓଲଟି ଯାଇ ତାଙ୍କୁଇ ଆଘାତ କରିବ ଏ କଥା ଆମେ ସେଦିନ କଳ୍ପନା ଭିତରକୁ ଆଣି ନଥିଲୁ ।

17 JUL 1959



ବଟକୃଷ୍ଣ ଆଜ ଶିଶୁ, ପୌଗଣ୍ଡ ଓ କୈଶୋର ଅବସ୍ଥା ଅତିକ୍ରମ କରି ଯାଇଛନ୍ତି । ତାଙ୍କର ନଟରାଜ ମୂର୍ତ୍ତି ଆଜ ନଟବର ମୂର୍ତ୍ତିରେ ରୂପାନ୍ତରିତ ହୋଇଛି । ବୟସ ଗୁଣରୁ ଅଧରରେ ତାଙ୍କର କୁଟିଳ ହସ ଓ ଆଖିରେ ତରୁଣୀ- ମୋହନ ଚାହାଣୀ ଫୁଟି ଉଠିଛି ।

ପ୍ରାଚ୍ୟର ରୀତି ନୀତି ଉପରେ ବଟକୃଷ୍ଣଙ୍କର ମୂଳରୁ ଆଗ୍ରହ । ଷୋଡ଼ଶୀ ଛନ୍ଦ ଗାୟକ ଆଧୁନିକ 'ଲଘୁ ସଂଗୀତ'କୁ ନାପସନ୍ଦ କଲାଭଳି ବା ନୂପୁର ପା-ପଦ୍ମଭୂଷିତା ହାଇହିଲ୍ ଚରଣାକୁ ନାକ ଟେକିଲା ଭଳି, ପାଶ୍ଚାତ୍ୟ ଚଳଣି ବା ଆଧୁନିକତା ପ୍ରତି ସେ ଅସହିଷ୍ଣୁ ନ ଥିଲେ ସତ କିନ୍ତୁ ଜୀବନ ସାଥୀ ବାଛିବା ବିଷୟରେ ତାଙ୍କର ରୁଚି ଥିଲା ପୁରାପୁରି ଭଞ୍ଜୀୟ ।

ବାହାରେ ମେଘକନ୍ୟାର ନୂପୁର ସିଞ୍ଜିନୀ—ବିରାମ ବର୍ଷଣ । ରବିବାର ଷ୍ଟେଟ୍‌ସ୍‌ମ୍ୟାନ ଉପରେ ଥରେ ଆଖି ବୁଲାଇ ନେଇ କହିଲି—'ବୁଝିଲ ବଟକୃଷ୍ଣ, ଆଧୁନିକାମାନଙ୍କର ପ୍ରସାଧନ ଚୁଡ଼ି ଶାଢ଼ୀ ବ୍ଲାଉଜ୍ ଡ୍ରେସିଅର ନେଇ ଶ୍ରୀମନ୍ତୀ ଲଳିତା ଅଭିଯାନ ଚଳାଇବା ଯୁଗରେ ଏଭଳି କାବ୍ୟ ନାୟିକା ଖୋଜି ବାହାର କରିବା ମୁସ୍କିଲ; ତଥାପି ନହି ସୁପ୍ତସ୍ୟ ସିଂହସ୍ୟ........ ଦେଖାଯାଉ...... ।

ଦିନ ଗଡ଼ିଲା । ପଡ଼ା ସରିଲା । ଚାକିରି ହେଲା । ବାପା ଉଦବିଗ୍ନ ହେଲେ । ବୋଉ ଆଖିରୁ ଲୁହ ଗଡ଼େଇଲେ । ବଡ଼ ଭାଉଜ ଚିନ୍ତିତ ହେଲେ । ବଡ଼ଭାଇ ଏଠି ସେଠି ଆଖି ବୁଲେଇଲେ । ଶେଷକୁ ମୋର ଉପରେ ଚାପ ପଡ଼ିଲା—ତାର ରୁଚି ଅନୁଯାୟୀ ଝିଅଟିଏ

ଦେଖ । କିଏ ଦେଖିବ,—ମୁଁ ? ସେମିତ ଆଜି କଲେଜ କ୍ଲାସରେ ପ୍ରକ୍ସି ପଡ଼େଇବା କଥା ନୁହେଁ ? ଯାହା ପାଇଁ ଦେଖା ଦେଖି ତାଙ୍କର ତ ଏକ ଜିଦ୍ କାଉଣ୍ଟର ଫିଟ୍ ୧୮୭୨ ସେ ବାହା ହେବେନି । ବହୁ କୁହା କୋହି, ଆଲୋଚନା ସମାଲୋଚନା ପରେ ବଟକୃଷ୍ଣ ରାଜି ହେଲେ ।

ଯିଏ ଆସିଲେ ସେ ପୁରା ୧୯୫୫ ମଡ଼େଲ୍ ନ ହେଲେ ବି ନୂଆ ବୋଲି ଧରି ନିଆଯାଇପାରେ । ଭାବିଲି ଏ ଦାମ୍ପତ୍ୟ ଜୀବନ ହୁଏତ ମଧୁମୟ ହେବନି । ମନେ ମନେ ମୁଁ ବଟକୃଷ୍ଣଙ୍କର ନଟବର ମୂର୍ତ୍ତିର କଳ୍ପନା କରୁଥିଲି କିନ୍ତୁ ଆଶ୍ଚର୍ଯ୍ୟ, ବଟକୃଷ୍ଣଙ୍କ ରୁଚି ବଦଳିବାର ଦେଖାଗଲା । ଦିନେ ବଡ଼ ଭାଉଜ ଓ ବଡ଼ ଭଉଣୀ ବଟକୃଷ୍ଣଙ୍କର ଶୋଇବା ଘରେ ଡ୍ରେସିଂ ଟେବୁଲ୍ ଉପରେ ଲେଧ୍ରେଣୁ ପରିବର୍ତ୍ତେ ରୁଜ୍, ପାଉଡର୍, ଲିପଷ୍ଟିକ୍ ଓ ପୁଷ୍ପସାର ପରିବର୍ତ୍ତେ 'ମିସ୍ଟଫ୍' କିଣା ହୋଇ ଶ୍ରୀମତୀଙ୍କର ପ୍ରସାଧନ ଲାଗି ସଜ୍ଜିତ ହୋଇଥିବାର ଦେଖି ଆଖିଟିପି ହସିଲେ । ବୁଝିଲି, ଶ୍ରୀମାନ୍ ବଟକୃଷ୍ଣ ଶ୍ରୀମତୀଙ୍କୁ ଦେଖିସୁରୁ ୧୯୫୫ ମଡ଼େଲ୍ କରି ଗଢ଼ି ତୋଳିବାକୁ ବିଲକୁଲ୍ ଆୟୋଜନରେ ଲାଗି ପଡ଼ିଛନ୍ତି । ଏଇ ଆଧୁନିକତାର ବେଦୀ ପୀଠରେ ସ୍ୱୟଂ ବଟକୃଷ୍ଣଙ୍କୁ ବି କିଛି ଆହୁତି ଦେବାକୁ ପଡ଼ିଲା । ବୁଲଡୋଜର୍ ଜଙ୍ଗଲ କାଟି ସଫା କଲାଭଳି ଫଗୁଣର ଏକ ନରମ ସକାଳେ ବ୍ଲୁ ଜିଲେଟ୍ ଲାଗି ବଟକୃଷ୍ଣଙ୍କର ଆକୈଶୋର ସଯତ୍ନ ବର୍ଦ୍ଧିତ ଚହଳିଆ ଖାନଦାନୀ ନିଶ ହଳକ ସମୂଳୋତ୍ପାଟିତ ହେଲେ । ଶ୍ରୀମାନ୍ ଓ ଶ୍ରୀମତୀଙ୍କ ଭିତରେ ଥିବା ଆନନ ଶ୍ରୀର ପାର୍ଥକ୍ୟ କାଳିମା ଟିକକ ଅପସରି ଗଲା । ପ୍ରଗତି ଦେବୀଙ୍କର ଜୟ ହେଲା ।

## —ଭୁଲ—

ବୁଲ ଫକର ପରି ସାରା ଉତ୍କଳର ଅପନ୍ତରା ଗାଁ ଗଣ୍ଡାରେ ଡେରା ପକାଇ ପକାଇ ପୂରା ବର୍ଷକ ପରେ ଛୁଟି ନେଇ ଘରକୁ ଫେରିଲି । ଦଶହରା ଆସନ୍ନ ପ୍ରାୟ । ସକାଳୁ ଉଠି ସଦ୍ୟ ପ୍ରକାଶିତ ପତ୍ରିକାଟା ଉପରେ ଆଖି ବୁଲାଉଥିଲି ।

ମନ ଭିତରେ କେତେ ଗଳ୍ପର କଥାବସ୍ତୁ ଭିଡ଼ ବାନ୍ଧୁଥିଲେ, କେତେ କବିତାର ତରୁଣୀ ନାୟିକା ପ୍ରକାଶ ଲାଗି ଆବେଦନ ଜଣାଇ ଯାଉଥିଲେ । ଦୁର୍ଭାଗ୍ୟ ମୋର ! ବାପୁଙ୍କ ଭଳି ପ୍ରତିଭା ଯଦି ମୋର ଥାନ୍ତା କେତେ ରୂପସୀ-ତରୁଣୀ-ପତଙ୍ଗ ମୋର ପ୍ରତିଭା ଲଣ୍ଠନର ଗରମ କାଚରେ ମଥା ପିଟି ମରୁଥାନ୍ତେ । ଯଦି ତାଙ୍କ ଭଳି ମନସ୍ତତ୍ତ୍ୱବିତ୍ ମୁଁ ଯଦି ହୋଇଥାନ୍ତି—ଯଦି ଆଖିରେ ଆଖି ରଖି ମନର ଭାଷା ମୁଁ ପଢ଼ି ପାରୁଥାନ୍ତି—ଯଦି ଚେହେରା ଦେଖି ମୁଁ ବୁଝି ପାରୁଥାନ୍ତି କିଏ କିପରି !

ଗତ ଜନ୍ମର ତ୍ରିବେଣୀ ସ୍ନାନର ଭାଗ୍ୟଫଳ ସେ ! ! 'A Fool ବ୍ୟକ୍ତିଟି ଉପରେ ଦୟା ହୁଏ' ।

ଆତ୍ମସ୍ଥ ହୋଇ ଖୁଣ୍ଟିଲି ପତ୍ରରେ ସନ୍ତୋଷିମା ବଟକୃଷ୍ଣ ।

'କିଏ ସେ ଭାଗ୍ୟବାନ୍ ଯାହା ଉପରେ ଦୟା ସାଗର ତମର ଉଚ୍ଛୁଳି ଉଠିଲା ?' ହସି ପଚାରିଲି ।

'ଆଖିର ଭାଷା ପଢ଼ିବାକୁ ଯାଇ ଠକି ସେ କାନମୋଡ଼ା ଖାଆନ୍ତି ଓ ନିଜ ପକ୍ଷରେ ଯୁକ୍ତି ବାଢ଼ି ହାସ୍ୟାସ୍ପଦ ହୁଅନ୍ତି ।'

'ଯଥା......'

17 1959

'ଯାହାର ଗଳ୍ପ ଆଖି ଆଗରେ ରଖି ତମେ ଭାବମଗ୍ନ ହୋଇ ପଡ଼ିଥିଲ ।'

ବଟକୃଷ୍ଣ ଟେବୁଲ ପାଖକୁ ଘୁଞ୍ଚି ଆସି ଖୋଲା ହୋଇ ପଡ଼ିଥିବା ପତ୍ରିକାର ଗଳ୍ପ ଲେଖକଙ୍କର ନାଁ ତଳେ ପେନ୍‌ସିଲ ଗାର ଟାଣି ଦେଲେ ।

ବଟକୃଷ୍ଣଙ୍କର ଶ୍ରୀମନ୍ତ ବପୁ ଉପରେ ଦୃଷ୍ଟି ମୋର ପ୍ରସରି ଗଲା । କହିଲି—'ବାଃ, ଶ୍ରୀମତୀଙ୍କ ହାତର ଚାରପ କରିବାକୁ ହେବ ନିଶ୍ଚୟ—ଯିଏ ଭିତରେ ତ ବେଶ୍ ଗଣେଶ ମୂର୍ତ୍ତିଟିଏ ଗଢ଼ି ସାରିଲେଣି—ଲମ୍ବୋଦରମ୍ ସୁନ୍ଦରଂ ।'

'ଯିଏଙ୍କ ଆଖିକୁ ସବୁ ଦିଶୁଚି—ବଦଳି ହୋଇ ଆସିବା ବେଳ ଚେହେରା ଅଛି ?'

ଭଉଣୀ ପକ୍ଷ ନେଲେ ।

'ସତେ ? ଗଜାନନ ତା ହେଲେ ପୁରା ଗଜଟିଏ ସାଜି ଶ୍ରୀଧାମକୁ ବିଜେ କରିଥିଲେ ନୁହେଁ ?' କପଟ କ୍ରୋଧରେ ମୁହଁ ଫୁଲାଇ ଭଉଣୀ ପ୍ରସ୍ଥାନ କଲେ ବୋଧହୁଏ ଭାଇଙ୍କର ଲମ୍ବୋଦର ପୂରଣର ବ୍ୟବସ୍ଥା କରିବା ପାଇଁ ।

ପାନ ଡବା ଖୋଲି ଧରିଲି ବଟକୃଷ୍ଣଙ୍କ ଆଗରେ—ଓଡ଼ିଆ ଘରର ପ୍ରାଥମିକ ସମ୍ଭାଷଣ । ଜାଣେ ପାନ ପ୍ରତି ତାଙ୍କର ଦୁର୍ବଳତା ଦୁର୍ନିବାର । ପୁରା କଞ୍ଚା ପତ୍ର ପକା ଚେଉଣୀ ଖିଲ ନ ହେଲେ ସେ ବନ୍ଧ ଖୋଲୁ ନ ଥିଲେ—ସ୍କୁଲ ବେଳର ଅଭ୍ୟାସ ।

'ମାଫ୍ କରିଦିଅ ।'

ବଟକୃଷ୍ଣ ତାଙ୍କର ଶୁଭ୍ର ଦନ୍ତପନ୍ତି ବିକଶିତ କଲେ ।

'ଅର୍ଥାତ୍ ?'

'ଗୁଣ୍ଡ ଦେଇଚ ।'

ଖୋଲା ଯାନ ଓଡ଼ବାଟା ଉପରେ ବଟକୃଷ୍ଣଙ୍କର ସତୃଷ୍ଣ ଦୃଷ୍ଟି ନବଦ୍ଧ ହେଲା । ଦୃଷ୍ଟିରେ ଫୁଟି ଉଠିଲା କାରୁଣ୍ୟ । ସେ ଦୀର୍ଘ ନଶ୍ୱାସ ପକାଇଲେ ।

'କଣ୍ଡ, ଏ ବୟସରେ ଏ ବ୍ରହ୍ମଚର୍ଯ୍ୟ ସାଧନା କାହିଁକି ?' ପ୍ରଶ୍ନ କଲ ।

'ଏମିତ ଗୁଣ୍ଡ ଦେଲ । କାହିଁକି ଗୋଟାଏ ବଦଭ୍ୟାସ ରଖିଥାନ୍ତି ।'

'ସାଧୁ, କନ୍ତୁ ତମ ଲେଖା କବତା ଏବେ ବ ମୋର ମନେ ଅଛି—

'ହେ ଯାନ ଯନ ! ମାନସୀ ଗୋ ମୋର ଚରନ୍ତନ
ଚୁମ୍ବନ ନଅ ଚୁମ୍ବନ
ତବ ଅଧର ମଧୁର କୁଙ୍କୁମ ରାଗେ
ରଞ୍ଜିତ ହେଉ ଅଙ୍ଗନ
ମମ ଅଙ୍ଗନ

ମୋର କଣ୍ଠେ ଫୁଟୁ ଗୋ ଆଶାବରୀ
ଦୁର୍ବିସହ ଏ ଜୀବନର ଶତ ଜଞ୍ଜାଳ ଯାଉ ଅପସରି ।'

ଗୋଟାଏ ଛିଣ୍ଡା କାଗଜ ଉପରେ ଗୁଡ଼ାଏ ଅସଂଲଗ୍ନ ଜ୍ୟାମିତିକ କ୍ଷେତ୍ର ଅଙ୍କନ କରୁ କରୁ ଦୀର୍ଘ ନିଃଶ୍ୱାସ ତ୍ୟାଗକରି ବଟକୃଷ୍ଣ କହିଲେ—'ଯାଉ, ଜଞ୍ଜାଳ ଯାଇଚି ସାମାନ୍ୟ ଯାନଟା ପାଇଁ ତ ଆଜମ ମୁହଁ ଫୁଲା ଫୁଲି ହେଇ ନ ଥାନ୍ତୁ—ପୁରୁଣା

ଅଭ୍ୟାସଟା ଛାଡ଼ିବାକୁ ଅବଶ୍ୟ ଟିକିଏ କଷ୍ଟ କରିବାକୁ ପଡ଼ିଲା ତଥାପି……।'

'କଥା କ'ଣ ?'—ପଚାରିଲି ।

'କିଛି ନାହିଁ —ପାନ କଲ୍ୟାଣୀ ମୋଟେ ସହି ପାରେନି, ପାନ ଖିଆ ତା ଆଖିରେ ଚରମ ବର୍ବରତା···ଅଗତ୍ୟା···'

'ଓଃ—Co-existence !' ଟିପ୍ପଣୀ କାଟିଲି ।

କିନ୍ତୁ ବିଟକୃଷ୍ଣଙ୍କର ବ୍ୟଥା ମତେ ବାଧିଲା ସେଦିନ । ଭଗିନୀଙ୍କର ସ୍ୱହସ୍ତ ପ୍ରସ୍ତୁତ ଜଳଯୋଗ ସମାପନାନ୍ତେ ବିଟକୃଷ୍ଣ ବିଦାୟ ନେଲେ ।

ଏ ଜଟିଳ ପରିସ୍ଥିତିର ସମାଧାନ ପାଇଁ ଗୋଟିଏ ଗୂଢ଼ ଜଣିଆ କମିଟି ବସିଲା ସେଦିନ ସନ୍ଧ୍ୟାରେ ।

ଏହାର ଦୁଇଦିନ ପରେ ଆଗାମୀ ରବିବାର ସନ୍ଧ୍ୟାରେ ସସ୍ତ୍ରୀକ ଗୋଟିଏ ବନ୍ଧୁ ମିଳନରେ ଯୋଗ ଦେବାପାଇଁ ବିଟକୃଷ୍ଣ ଖଣ୍ଡେ ଟାଇପ୍ କରା ଇଂରେଜୀ ନିମନ୍ତ୍ରଣ ପତ୍ର ପାଇଲେ । ଆବାହକ ଶ୍ରୀମତୀ ସୁମିତ୍ରା ଦାସ ।

ସୁମିତ୍ରାଙ୍କର ସ୍ୱାମୀ ଆଡ୍‌ଭୋକେଟ୍ ପ୍ରବୀର ବିଟକୃଷ୍ଣଙ୍କର ସତୀର୍ଥ ଓ ମୋର ବନ୍ଧୁ । ରବିବାର ସନ୍ଧ୍ୟାରେ ତାଙ୍କ ଘରର ବହିଃପ୍ରାଙ୍ଗଣ ବିଭିନ୍ନ ରଙ୍ଗ ବେରଙ୍ଗର ସମାବେଶ ଓ ପ୍ରସାଧନ ସାମଗ୍ରୀର ସୌରଭରେ ଉଚ୍ଛଳ ହୋଇ ଉଠିଲା । ସମସ୍ତେ ଆସନ ଗ୍ରହଣ କରିବା ପରେ ପ୍ରବୀର ଷ୍ଟେଟ୍ ଏକ୍ସପ୍ରେସ ସିଗାରେଟ୍ ଟିଣ ଖୋଲି ମୋ ହାତରେ ଦେଲେ ।

'Ladies first' କହି ଟିଣଟା ମୁଁ ଶ୍ରୀମତୀ କଲ୍ୟାଣୀଙ୍କ ଆଗରେ ଟେକି ଧରିଲି ।

'ନା, ଧନ୍ୟବାଦ'—କଲ୍ୟାଣୀ ମଳିନ ହସ ହସିଲେ ।

ସିଗାରେଟ ଥୋଇ ପାନ ଟ୍ରେ ଟା ବଢ଼ାଇ ଦେଲି ।
ଅନନ୍ୟୋପାୟ କଲ୍ୟାଣୀ ଖଣ୍ଡେ ପାନ ଉଠାଇନେଲେ ।

'ଶ୍ରୀମତୀ ଖାଇବାକୁ ପଡ଼ିବ ।'
'ତଥାସ୍ତୁ' କଲ୍ୟାଣୀ ପାନଟି ପାଟିରେ ଦେଲେ ।
ବଟକୃଷ୍ଣଙ୍କ ଆଡ଼କୁ ବଙ୍କ ଦୃଷ୍ଟି ପକାଇ କହିଲି—
'ତବ ଅଧର ମଧୁର କୁଙ୍କୁମ ରାଗେ
ରଞ୍ଜିତ ହେଉ ଅଙ୍ଗନ
ମମ ଅଙ୍ଗନ

ମୋର କଣ୍ଠେ ଫୁଟୁ ଗୋ ଆଶାବରୀ
ଦୁର୍ବିସହ ଏ ଜୀବନର ଶତ ଜଞ୍ଜାଳ ଯାଉ ଅପସରି ।'

ପାନ ସିଗାରେଟ ପରିବେଷଣ କରି ବଟକୃଷ୍ଣଙ୍କ ପାଖକୁ ଆସିଲି । ସବୁ ଦେଖି ମଧ୍ୟ କିଛି ଦେଖି ନାହାନ୍ତି, ମୁହଁରେ ତାଙ୍କର ଇ ଭାବ । ଟ୍ରେ ସାମନାରେ ଧରିଲି । ବଟକୃଷ୍ଣ ଦୁଇ ହାତରେ ଇଖଣ୍ଡ ପାନ ଉଠାଇ ନେଲେ ।

ଏବେ କପୋତ କପୋତୀଙ୍କ ମହଲରେ ପାନ ଉପରେ ଶ୍ରୀମତୀ ଶପଥ ଚାଲୁଥିବାର ସମ୍ବାଦ ମିଳେ ।

---

# ସ୍ୱପ୍ନ ଓ ସମାଧି

—ଯତୀନ୍ଦ୍ର କୁମାର ଦାସ

ଅନେକ ଦିନ ପରେ ଦେଖା ।

ରାମଚନ୍ଦ୍ର ପଚାରିଲା, ସବୁ ଭଲତ ?

—ଖରାପ ଆଉ କଣ ? ଶରତ ଉତ୍ତର ଦେଲା ।

—ଶୁଣିଥିଲି ତୋର ବିବାହ...

ବ୍ରାଇଲ୍‌କ୍ରୀମ୍‌ର ମୃଦୁଗଂଧ । ସୁବିନ୍ୟସ୍ତ ଘନକୃଷ୍ଣ କେଶ ଦାମ । ରାମଚନ୍ଦ୍ର ନା ଅଶୋକ କୁମାର ? ବ୍ରାଇଲ୍‌କ୍ରୀମର ବିଜ୍ଞାପନରେ ରାମଚନ୍ଦ୍ରର ଫଟୋ ବାହାରି ନାହିଁତ ?

ବିବାହ କେଉଁଠି ହେଲା ?

ଶରତ ହସୁଁଚି । ଆଖି ତଳେ ତଳେ କଳା ଦାଗ । କୃଷ୍ଣ କେଶରେ କେତୋଟି ଶୁଭ୍ର କେଶ । ପରିପକ୍ୱ ଜ୍ଞାନ ଓ ଅଭିଜ୍ଞତାର

ଚିହ୍ନ । ବୟସର ଦାଗ, ବାର୍ଦ୍ଧକ୍ୟର ପ୍ରଥମ ପରଶ, ଅବଶ୍ୟମ୍ଭାବୀ ମୃତ୍ୟୁର ପ୍ରଥମ ଚରଣ ପାତ !

ଆରେ ! ଆତଙ୍କରେ ଚିତ୍କାର କରି ଉଠିଲା ରାମଚନ୍ଦ୍ର । ରାମଚନ୍ଦ୍ରର ଧକ୍କାରେ ଶରତ ସଡ଼କର ଡ୍ରେନ୍ ଭିତରକୁ ଖସି ପଡ଼ୁ ପଡ଼ୁ ରହିଗଲା ।

ବର୍ତ୍ତମାନ ତ ମଝିରେ ମାଡ଼ ଯାଇଥାନ୍ତା । ରାମଚନ୍ଦ୍ର କହିଲା ।

ଶରତ କହିଲା, ହୁଁ...

ଜୀବନ ପ୍ରତି ମାୟା କମିଗଲାଣି ନା କଣ ?

ଜୀବନ ଦର୍ଶନ ପରେ, ଖଣ୍ଡେ ପାନର ଦର୍ଶନ ଖୁଆଇଁ, ଦେଇପାରିବୁ ?

ରାମଚନ୍ଦ୍ର ପ୍ୟାଣ୍ଟ ପକେଟରେ ହାତ ପୂରାଇଲା—

କ୍ଷମା କରିବୁ ଭାଇ, ମନିବ୍ୟାଗ୍‌ଟା ଟେବୁଲ ଉପରେ ଭୁଲି ଆସିଲି ।

ଥାଉ, ଥାଉ, ନମସ୍କାର । ଶରତ ଆଗେଇଲା ।

ଆରେ ଚାଲିଗଲୁ ନା କଣ ? ରାମଚନ୍ଦ୍ର ଡାକିଲା ।

ଜରୁରୀ କାମ ଅଛି, ଆସୁଚି— ।

ଶରତ ଆଗେଇଲା । ଆଧୁନିକମାନଙ୍କର ମନିବ୍ୟାଗ୍‌ଟା ସବୁବେଳେ ଟେବୁଲ ଉପରେ ରହେ ।

ଆଗରେ ପାନ ଦୋକାନ ।

ଦୁଇଟା ପାନ ।

ଗୁଣ୍ଡି ନା ସାଧା ?

ଅଖଡ଼ିଆ ଗୁଣ୍ଡି । ରାମଚନ୍ଦ୍ର ଚାଲିଗଲେଣି । ରାଜପଥ ଅସଂଖ୍ୟ ଜନ ସ୍ରୋତରେ ନିଶ୍ଚିହ୍ନ ହୋଇଗଲେଣି । ଏକର ଅସ୍ତିତ୍ୱକୁ ବହୁତରେ ହଜାଇଦେବା ସ୍ରୋତର ଚିରନ୍ତନ ଧର୍ମ ।

ବାସନ୍ତୀ ଅପେକ୍ଷା କରିଥିବ । ଆଉ ଏମ୍ବ୍ରୋଏଡ଼ରୀ କରୁଥିବ ରୁମାଲରେ । ପ୍ରେମର ପ୍ରଥମ ଅଙ୍କୁର । ଭଲ ପାଇବାର ସରଳ ସୁନ୍ଦର ପ୍ରକାଶ ।

ବାସନ୍ତୀ କଣ ଭଲ ପାଏ ? ବାହାରର ଆବରଣକୁ ନା ଅନ୍ତରର ଶୁଭ୍ରଶାଶ୍ୱତ ରୂପକୁ ? ବି: ଏ ଡ଼ିଗ୍ରୀ କଣ ତମକୁ ପ୍ରେମର ଉପରକୁ ଉଠାଇ ପାରିଲା ନାହିଁ ? ପ୍ରେମର ଉପର ସ୍ତର ଦେଖିଛ ? ଯେଉଁଠି ତରଙ୍ଗ ସ୍ଥିର, ଆକାଶ ଶାନ୍ତ, ବାୟୁ ନୀରବ ? ଯେଉଁଠି ପ୍ରଥମ ପ୍ରେମର ପ୍ରକାଶର ଆସ୍ଥିରତା ନାହିଁ । ମନ ପରିବର୍ତ୍ତନର ଅବକାଶ ନାହିଁ । ଦେଖିଚ ?

ମିନତି ଚିଠି ଦେଇଥିଲା । ଏଥରକୁ ମିଶାଇ ସର୍ବମୋଟ ଆଠଖଣ୍ଡ ହେଲାଣି । ଦୁଇଦିନ ବ୍ୟବଧାନରେ ଖଣ୍ଡେ ।

ପ୍ରାଣର ବନ୍ଧୁ ମୋର,

ତମର ଅଭାବରେ ମୋର ଅବସ୍ଥା କଣ ହେଲାଣି ତମେ ନ ଦେଖିଲେ ବୁଝିପାରିବ ନାହିଁ । ମୋର କଣ୍ଠ ରୁନ୍ଧିଲାଣି । ତମେ ସେଇଦିନ ଚାଲିଗଲ । ତାପର ଠାରୁ ଆଖିରୁ ମୋର ଲୁହ ବୋହୁଛି । ତମେ କେମିତି ଜାଣିବ ମୁଁ ତମକୁ କେତେ ଭଲ ପାଏ ?···ତମେ ଆସିବ, ଥରେ ଆସିବ । ମୋରାଣ, ମୋରାଣ, ମୋରାଣ । ତମର ମିନତି ମଲାଣି ।

ସୁନ୍ଦର । ସଂକ୍ଷେପରେ ଏପରି ରାତିକୁ ଏଇ ତିନୋଟି ଅକ୍ଷରରେ ବେଶ୍ ପ୍ରକାଶ କରାଯାଇପାରେ । ଗ୍ରୀଷ୍ମମାସ ତଳେ ଏପରି ରାତି ଆସିଥିଲେ, ଶରତ ଦଉଡ଼ି ଯାଇଥାନ୍ତା । ଯାଇଥାନ୍ତା ବିଲ୍ ମଙ୍ଗଳପର, ଆଷାଢ଼ର ଭରାନଦୀ ପହଁରି ପହଁରି, ଝିଙ୍କାରିତର ଅନ୍ଧାରରେ, ନୀରବ ନଷ୍ଟିଥିମାରେ, ଏକାକୀ ।

ବାବୁପାନ ।

ଶରତ ଦୁଇ ପଇସା ପକେଟରୁ ବାହାର କରିଦେଲା ।

ପାଞ୍ଚଟା ପନ୍ଦର । ଏକଘଣ୍ଟା ପନ୍ଦରମିନିଟ୍ ଡେରି । ବାସନ୍ତୀ ଝରକାର ରେଲିଂକୁ ଦୁଇ ହାତରେ ଧରି ଠିଆ ହୋଇଥିବ । ହସ୍ତୀ ହରିଣୀ ଡୋଳା ପରି ତାର ଡୋଳା ଦୁଇଟି ବୁଲୁଥିବ ନୟନର ଏକପ୍ରାନ୍ତରୁ ଅନ୍ୟ ଏକପ୍ରାନ୍ତ । କୃଷ୍ଣ କବରୀକୁ ଆବୃତ କରିଥିବ ଶୁଭ୍ର ମଲ୍ଲୀମାଳା ।

ରାତି ଗୋଟାଏ । ଘର ଭିତରକୁ ପଶିଗଲା ଶରତ । ନିଷ୍ପ୍ରଭ ଆଲୋକରେ ମିନତି ବସିଛି ପଲଙ୍କର ତଳେ । ଶାଢ଼ୀ ଦେହର ପ୍ରତ୍ୟେକ ଅଂଶକୁ ଆବୃତ୍ତ କରିଛି ।

ଆସ ।

ମିନତି ଚୁପ୍ ହୋଇ ବସିରହିଛି ।

ଶରତ ଆଗେଇଗଲା ।

ଆସ ।

ତଥାପି ଉତ୍ତର ନାହିଁ ।

ଶରତ ଯାଇ ମିନତିର ହାତ ଧରିପକାଇ କହିଲା, ଆସ, ତଳଟାରେ ବସିଛ କାହିଁକି ?

ହାତ ଥରୁଚି । କ ଏକ ନୂତନ ଶିହରଣରେ ଦେହ ଥର ଉଠୁଚି । ମଲ୍ଲୀର ଗନ୍ଧ ମନକୁ ଉତ୍ତେଜିତ କରିବାରେ ଲାଗିଚି ।

ଦୁହେଁଯାଇ ପଲଙ୍କରେ ବସିଲେ ।

ତମ ନାଁ କଣ ?

ତଥାପି ଉତ୍ତର ନାହିଁ ।

କୁହ, ମୋର୍ସଣି—

ମିନତି, ମିନତି ଉତ୍ତରଦେଲା ।

ବାଃ ସୁନ୍ଦର ନାଁ ତ ।

ଆଉ ଟିକିଏ ପରେ ।

ତୁମେ ମତେ ଭଲ ପାଇବନ ଶରତବାବୁ ?, ମିନତି ପଚାରିଲା ।

ତୁମପରି ସୁନ୍ଦରୀ ସ୍ତ୍ରୀ ଥାଉ ଥାଉ, ଆଉ କାହାକୁ ଭଲ ପାଇ ପାରି ହେବ ? ଶରତ କହିଲା ।

ଦୁଷ୍ଟ, ଚୁପ୍ । କାହାରେ ଶୁଣିବେ ।, ମିନତି ଚପା ଗଳାରେ କହିଲା ।

ସେ ଦିନ ସାହିତ୍ୟ ସଭାରେ ବାସନ୍ତୀ କହିଲା, ମୁଁ ଆପଣଙ୍କ ଗପ ପଢ଼ିଚି, ବଡ଼ ଭଲଲାଗେ ଆପଣଙ୍କ ଗପ । ଦେଖି ନଥିଲି— ହଉ, ଆମ ଘରକୁ ଯିବେ । ମୋର ନାଁ ବାସନ୍ତୀ । ଗାର୍ଲସ୍କୁଲ ମିଷ୍ଟ୍ରେସ୍ । ମୁଁ ଆଜ ମା ଘରେ ଥାଉ ।

ଚା, ଖାଆନ୍ତୁ ନା ।

ନା, ମୁଁ ଚାହା ଖାଏନାହିଁ ।

ଚା ଟିକିଏ ଖାଇଲେ କିଛି ଖରାପ ହୋଇ ଯିବନାହିଁ ।

ନା ଆଉ ବାସନ୍ତୀ ଅନୁରୋଧ କରନାହିଁ ।

କାହିଁକି ଅନୁରୋଧ କଲେ—ଦେଖନ୍ତୁ ତ ରୁମାଲ ଉପର ଏ ଡ଼ିଜାଇନ୍ ଟା, ଆପଣଙ୍କର ପସନ୍ଦ ହେବ ତ ?

ରହସ୍ୟ ପରେ ରୁମାଲ । ତାପରେ ? ପାଞ୍ଚବାର୍ଷିକ ଯୋଜନା । ଗୋଟିକ ପରେ ଗୋଟିଏ, କ୍ରମାନୁସୂରେ ସଜା । ରହସ୍ୟକୁ ଆବିଷ୍କାର କରିବାକୁ ଯାଇ ଆଉ ଗୋଟିଏ ରହସ୍ୟାବୃତ ହେବାକୁ ଯାଉ ହେବ । ନାରୀର ରହସ୍ୟରୁ ମୁକ୍ତି ପାଇବା କଣ ସମ୍ଭବ ? ହେ ଗୁରୁ, ହେ ରହସ୍ୟର ଗୁରୁ, ନମସ୍କାର ।

ନାରୀ ମୋହର ନିଜ ଗୁରୁ
ଉଦ୍ଧବ, କେତେ ଭୁ ପଚାରୁ ?

ଚିଠିକୁ ଭାଙ୍ଗ ଆଣୁ ଆଣୁ ଖସିପଡ଼ିଲା ଗୋଲ ଉପର ଲିଫାପା···

ଶ୍ରୀ ହରିହର ମହାନ୍ତି, ମୁଁ ନରଣପୁର, ପୋ: ନୟାଗଡ଼ ଜି: ପୁରୀ ।

ସେ ମୋର ଲେଖା ଯୋଖାରେ ଭାଇ ହୁଅନ୍ତି । ବାହାଘର ବେଳେ ଠିକଣାଟା ଟିପି ଦେଇଥିଲେ । ମିନତି କହିଲା ।

ଲେଖା ଯୋଖାର ସମ୍ପର୍କଟା ମନ୍ଦ ନୁହେଁ । ତେବେ ବାହାଘର ପରେ—,ଆରେ ତମେ କାନ୍ଦୁଚ କାହିଁକି ?

ତମେ ମତେ ଅବିଶ୍ୱାସ କରୁଚ ?

ନା, ଅବିଶ୍ୱାସ କାହିଁକି ? ନାରୀ ଚିରନ୍ତନ ସୀତାଙ୍କର ସଂସ୍କରଣ । ସତୀତ୍ୱର ଲେଲିହାନ ଶିଖାରେ ଜଳି ଯାଉଚି ପୁରୁଷ, ତାର ଅଭିଶାପରେ ଧ୍ୱଂସ ହେବ ତମେର, ତମର···

ଶେଷ ଚିଠିଟା ଏବେ ବି ପକେଟ୍‌ରେ ରହିଚି ।

ହୃଦୟର ଦେବତା ମୋର,

ମୋର ପୂର୍ବ ଚିଠି ସବୁ ପାଇଥିବ । ଉତ୍ତର ନାହିଁ କାହିଁକି ? ଯେଉଁ ଡାଳକୁ ମୁଁ ଧରୁଚି, ସେ ଡାଳ ଭାଙ୍ଗୁଚି । ଯେତେବେଳେ କେହି ମୋ ଉପରେ ସନ୍ତୁଷ୍ଟ ନୁହଁନ୍ତି, ଏ ଜୀବନ ରଖିବି କାହିଁକି ? ମୋପାଇଁ ତ ଦଉଡ଼ି ଅଛି । ନଈ ପୋଖରୀ ବି ଅଛି । ଆସିବ । ଶେଷ ଥରପାଇଁ ଟିକିଏ ଦେଖିବି ଆସିବ । ମୋରାଣ, ନିଶ୍ଚୟ ଆସିବ । ମୋରାଣ ।

ତମର ମିନତି ମଲଣି ।

ଆସିବ ? କେଉଁ ସରଗରେ ଆସିବ ? ଜାଲରେ ଧରା ପଡ଼ିଥିଲା ନିରୀହ କପୋତ, ସେ ଖସିଯାଇଚି ଆଉ ଫେରିବ ନାହିଁ, କେହି କେବେ ଜାଲରୁ ଖସିଲା ପରେ ଫେରେନାହିଁ ।

ମୁଣ୍ଡ ବ୍ୟଥା ଆରମ୍ଭ ହୋଇଗଲାଣି । ଟିକିଏ ରୁ ପରେ ଆପେ କମି ଆସିବ ସେ·ବ୍ୟଥା । ମାଷ୍ଟ୍ରାଣୀ ବାସନ୍ତୀ ସୁନ୍ଦର ରୁଷା କରେ । ଆଚ୍ଛା ସେ ବିବାହ କରୁନାହିଁ କାହିଁକି ?

ଆଖି ଆଗରେ ନାଚଉଠିଚି ଚିଠି ଟା, ହରିହର ବାବୁଙ୍କ ପାଖକୁ ଲେଖା ।

ହରି ଭାଇ,

ନମସ୍କାର । ତମେ ଆମକୁ ଭୁଲିଯିବଣି । ସେଦିନ କଥା ସବୁ ଭୁଲିଗଲ ? ସେଦିନ କଥା ମନେ ପଡ଼ିଲେ ଆଖିରେ ଲୁହ ଆସେ । ଚିଠି ଦେବ । ଚିଠି ଉପରେ ତମ ନାଁ ନ ଲେଖି ହରିପ୍ରିୟା ବୋଲି ଲେଖିବ । ପୁଣି କେବେ ତମମାନଙ୍କ ସଙ୍ଗେ ଦେଖାହେବ ଭଗବାନ ଜାଣନ୍ତି । ହଉଥାଅ । ଯାଉଚି । ଡର ଡରରେ ଲେଖିବାରୁ ଅକ୍ଷର ଖରାପ ହୋଇଯାଉଚି । କ୍ଷମାଦେବ । ଆଉ ସବୁ ପରେ ଲେଖିବି ।

ତମର ଆଦରର
ମିନତି

ଚଠିଟି ନର୍ବିଘ୍ନରେ ଯାଇ ହରହର ବାବୁଙ୍କ ନରଣଗଡ଼ ମୁକାମରେ ପହଞ୍ଚଥାନ୍ତା । କନ୍ତୁ ବହିଟା ଖୋଜୁ ଖୋଜୁ ମିଳଲା ଚିଠିଟା ।

ତାପର ଦନ ସକାଳୁ ଚାଲ ଆସିଲା ଶରତ । ମିନତି ଶୋଇଥିଲା । ବାପା ଉଠି ନଥିଲେ ।

ଇସ୍ କି ସାହସ ତମର ! ତମର ଛଳନାର ଉତ୍ତର ହେଉଚି ଅବହେଳା, ତମର ବିଶ୍ୱାସଘାତକତାର ପ୍ରତ୍ୟୁତ୍ତର ହେଉଚି, ବିଶ୍ୱାସଘାତକତା···

ବକୁଳ ଫୁଲର ଗନ୍ଧ ଭାସିଆସୁଚି । କାହାର ସଙ୍ଗୀତ ଭାସି ଆସୁଚି ଅସ୍ତ ସୂର୍ଯ୍ୟର କିରଣରେ, ବକୁଳର ଗନ୍ଧରେ, ସନ୍ଧ୍ୟାର ପବନରେ । କେଉଁ ଦୂର ମେଘନାଦ ପାଚିଶ ଘେରା ରାଜପୁରର ରାଜକନ୍ୟାର କଥା, ପକ୍ଷୀରାଜ ଘୋଡ଼ାର କଥା···

ମିନତି ଏକଣ କଲ ତୁମେ ମିନତି ? ଜୀବନକୁ—

ଆଖି ଲୁହରେ ଭରା ହୋଇ ଆସୁଚି । ଅସହ୍ୟ ବେଦନାରେ କଣ୍ଠରୁଦ୍ଧ ହୋଇ ଆସୁଚି ।

ଶରତ ରୁମାଲରେ ଆଖିରୁ ଲୁହ ପୋଛିଲା ।

ଆରେ ନରେନ୍ଦ୍ର, ତୁ କୁଆଡ଼େ ?

ଏଇ ଟିକଏ ବାସନ୍ତୀ ଦେବୀଙ୍କ ନିକଟକୁ । ସନ୍ଧ୍ୟାବେଳେ ନିମନ୍ତ୍ରଣ କରିଥିଲେ । ସେ ଗୀତ ଶିଖୁଛନ୍ତି ନା । ତାଙ୍କୁ ଟିକଏ ଶିଖାଇ ଦେବାକୁ ।

ବାଃ, ଭଲ ।

ନରେନ୍ଦ୍ର ଚାଲିଗଲା ।

ଶରତ ବୁଲିପଡ଼ି ଚାଲିବାକୁ ଆରମ୍ଭ କଲା । ଚୂଡ଼ା ଖାଇବାର ଅଭ୍ୟାସ ଭଲନୁହେଁ ।

ଆଗରେ ପ୍ରଭାତ ସିନେମା ।

# ଶେଷ ଶଯ୍ୟା

—ମାୟାଧର ଧଲ ଏମ୍. ଏ. ବି. ଏଲ

—ଏକ—

ସୂର୍ଯ୍ୟ ଧୀରେ ଧୀରେ ବୁଡ଼ି ଆସୁଛନ୍ତି । ପଶ୍ଚିମ ଆକାଶ ହିତ ରଙ୍ଗରେ ରଞ୍ଜିତ ହୋଇଛି । ନଦୀର ନୀଳ ଜଳରେ ହା ପ୍ରତିବିମ୍ବିତ ହୋଇ ଦ୍ୱିଗୁଣ ଶୋଭା ଧରିଛି ।

ବାତାୟନ ପାଖରେ ଠିଆହୋଇ ବିଚିତ୍ର ପ୍ରକୃତିକୁ ନ୍ମୟଭାବେ ଦେଖୁଛି କଣେଶ୍ୱ । ଚରମ ଶୋଭା ଘନକୃଷ୍ଣ ଙ୍ଗରାଶି ଝୁଲି ପଡ଼ୁଛି । ଧ୍ୟାନ ଭାଙ୍ଗିବାକୁ ନାହିଁ । ମନ ବାହ୍ୟ କୃତି ସଙ୍ଗେ ମିଶି ଯାଇଛି ।

କେଉଁ ସମୟୁ ପାଖରେ ଠିଆହୋଇ ଉମା ଡାକିଲା, ଜମା !’

ଜେମା ନୀରବ, ତା ପରେ ହାତକୁ ହଲାଇ ଉମା ହିଲା, "ଭାବବିଭୋର ହୋଇ ପଡ଼ିଛ ଯେ ?"

"ନଦୀର ନୀଳ ଅଙ୍ଗରେ ରକ୍ତିମ ରଶ୍ମିର ଅପୂର୍ବ ମିଳନ କି ସୁନ୍ଦର ନୁଆବୋଉ ।"

"ପ୍ରତିଦିନ ସୂର୍ଯ୍ୟ ବୁଡ଼ୁଛନ୍ତି । ନିତି ପୂର୍ବପରି ଏଇ ନଦୀର ଧାର ବହି ଚାଲିଛି । ସବୁଠି ଯେପରି ଖରା ପଡ଼ୁଛି ଏଠାରେ ବି ପଡ଼ୁଛି । ଇତେ ଏତେ ସୁନ୍ଦର ଦିଶୁଛି କାହିଁକି ଜେମା ?"

"ଆଉ ଥରେ ଚାହିଁ ନୁଆବୋହୂ । କେତେଦୂରରେ ସୂର୍ଯ୍ୟ, କେତେଦୂର ଆକାଶରେ । ଆଉ ଅଳ୍ପ ସମୟ ପରେ ଚାଲିଯିବେ ସେ । ବିଦାୟ ଦେବା ପୂର୍ବରୁ ତାଙ୍କର ଅନୁପମ ରୂପକୁ କୋଳରେ ଧରି ବ୍ୟସ୍ତବସନା ପ୍ରଣୟିନୀ ଶେଷ ମିଳନ ସୁଖ ଅନୁଭବ କରୁଛି କିପରି !

"ଜେମା, ବୁଝିଲୁଣି ତୋର ବୟସକୁ ରୂପାୟିତ କରି ତୋର ଭାବଧାରା ବଢ଼ି ଉଠିଛି, ମାତ୍ର—

"ମାତ୍ର ନୁହେଁ ନୁଆବୋହୂ—

"କାନ୍ଥ ତଳେ ଚାଲେ ବିଛା
ଭାଇନା ବିଦେଶ କରି ଯାଉଛି
ପଲଙ୍କ ପଡ଼ୁଛି ଛୁଚ୍ଛା ।"

"ଜେମା, ସଞ୍ଜ ହେଲା"

ମା ଠାକୁରଙ୍କ ପାଖେ ସନ୍ଧ୍ୟା ଆଳତି ଦେଉଛନ୍ତି । ପୁଅ କିପରି ସୁଖରେ କଲିକତାରେ ଥିବ, ଜେମା କିପରି ସୁଖରେ ଘରଦ୍ୱାର କରିବ, ଏତିକି ଠାକୁରଙ୍କ ପାଖେ ତାଙ୍କର ମନର କାମନା । ଭଉଜ ଘୋଷେଇ ଘରକୁ ଗଲେ । ଜେମା ଘରଦ୍ୱାର ଝଲେଇ ଆଲୁଅ ଲଗାଇ ସବୁଘରେ ରଖିଗଲା ।

ଝିଅପିଅ ସାର ମା ଶୋଇଲେଣି । ଭାଉଜ ବଛଣାରେ ପଡ଼ି କଲିକତା କଥା ଭାବୁଛନ୍ତି । କଲିକତା କେତେ ବଡ଼ ସହର, ତା ଭିତରେ କାହିଁ ଅଜଣା କେଉଁ ଜାଗାରେ କିଏ ଅଛି, କିଏ ତାହାର ଖବର ନେଉଥିବ ? ତଥାପି ତାଙ୍କ ପାଇଁ ଆଉ କେତେବେଳେ ନ ହେଲେ ମଧ୍ୟ ବଛଣାକୁ ଗଲାବେଳେ କିଏ ହେଲେ ଜଣେ ଭାବୁଛି—

ନୂଆବୋହୂ ଶୋଇଲେଣିକି ନାହିଁ ଦେଖିବାକୁ ଗଲା ଝେମା । ଶୋଇନାହାନ୍ତି ସେ ।

ଝେମା ପଚାରିଲା, "ନୂଆବୋଉ, ଏତେବେଳଯାଏ ଶୋଇନାହଁ ଯେ ?"

"ନାହିଁ ।"

"ନାହିଁ ନୁହେଁ ଯେ,

"ମେଘ ଘଡ଼ଘଡ଼ି କରୁଚି
ଚାରି ପହରରେ ନ ମାଡ଼େ ନିଦ
ମୋତେ ଘୋଡ଼ା ମନେ ପଡ଼ୁଛି ।"

"ଝେମା, ଆଜି ତୋର କଣ ହୋଇଛି ?"

"କିଛି ନାହିଁ ନୂଆବୋହୂ, ମୋର ଆଜି ଭାରି ଭଲ ଲାଗୁଛି, କାହିଁକି ଜାଣିପାରୁନ ।"

"ସତେ ଭଗବାନ କରିବେ ତୋର ଏହିପରି ହସିଖେଳି ଦିନ ଯିବ ।"

"—ହସିଖେଳି ସୁଖରେ ରହିବା ପାଇଁ ମନୁଷ୍ୟ ଜନ୍ମ ହୋଇଛି, କଷ୍ଟ ପାଇବା ପାଇଁ ନୁହେଁ । ଜୀବନ ବିକାଶ ପାଇଁ ବିନାଶ ପାଇଁ ନୁହେଁ, ନୂଆବୋହୂ ।"

ତେବେ ସଂସାର କେଡ଼େ ସୁନ୍ଦର, ସୁଖର ସ୍ଥାନ ହୋଇଥାନ୍ତା, କିନ୍ତୁ ତାହାଙ୍କ ସମସ୍ତଙ୍କ ଭାଗ୍ୟରେ ସମ୍ଭବ ନେମା । ଭଗବାନ କରନ୍ତୁ ଏହିପରି ସୁଖରେ ତୋର ଦିନ କଟୁ । ନନା ଦଶହରାକୁ ଆସିବେ···ମୁଁ ଏହା ଭିତରେ ଗାଁ ଆଡ଼େ କିଛିଦିନ ପାଇଁ ଯିବି । କଣ କହୁଚୁ ନେମା ?

ନନା ନାହାନ୍ତି ବୋଲି କଣ ଏ ଘର ଭଲ ଲାଗୁନି ?

"ନଈ ପାଣି ଯାଏ ଧୀରେ
ଗଭା ମଲ୍ଲୀଫୁଲ ମଉଳି ଯାଏ, ମୋ ନୂଆବୋହୂ
ମୁହଁ ମାଡ଼ି ଶୋଇବାରେ ।"

"ଛି, ନେମା, ତୁ ଯଦି ମୋ ପାଖେ ଅଛୁ, ମୋ ପାଖେ ଶୋଇଛୁ, କେତେ ଖୁସି ଲାଗୁଛି ମୋତେ ।"

"ତେବେ କାହିଁକି ନୂଆବୋଉ ଗାଁକୁ ଯିବ ?"

ନୂଆବୋଉ ପାଖେ ଶୋଇ ପଡ଼ିଚି ନେମା । ସରଳ ଅନାବିଳ ମନ ତାର ସ୍ୱପ୍ନରେ କେଉଁ ଏକ ସୁରମ୍ୟ ଉଦ୍ୟାନରେ ଯେପରି ଖେଳିବୁଲୁଛି ।

ମଙ୍ଗଳବାର ଦିନ ଜମ୍ବି ଆସିଛି । ମା'ଙ୍କ ପାଖରୁ ଆସି ରମା କହିଲା, "ନେମା, ମୁଁ ଯାଉଚି । ଦିନେ ଦୁଇଦିନ ଛୁଡ଼ି ଜମ୍ବିକୁ ପଠାଉଥିବି ଖବର ଅନ୍ତର ବୁଝିବା ପାଇଁ—ଖୁସିରେ ଥିବୁ ।"

ମୁଣ୍ଡ ଉପରେ ସୂର୍ଯ୍ୟ । ଝାଉଁପରି ଖରା ଦେହସାରା ଗଳି ଯାଉଛି । ବାହାର ଶୂନଶାନ ହୋଇ ପଡ଼ିଲାଣି । ଏଇ ଜମ୍ବିଆ ବେଳେ ଚଟି ଖଣ୍ଡିକ ହାତରେ ଧରି ବନ୍ଧେ ବନ୍ଧେ ବୁଲୁଛି

ଜୟୀ । ଘରେ ପହଞ୍ଚି ଦେଖିଲା ଜେମା ଏକୁଟିଆଟି ବସି ସିଲାଇ କରୁଛି, ଡାକିଲା

'ଜେମା'

ଜେମା ଚାହିଁଲା ଆଗରେ ଜୟୀ ପଚାରିଲା—ଜୟୀଭାଇ, ଗଡ଼େ ଖବରଟାରେ—

କାହିଁ ଖବର ସେଠେ ନାହିଁ, ଅପା ଚିଠି ଦେଇଛି, ନେଇ ଆସିଥିଲି ।

ଜେମା ଦେଖିଲା ଏ ଖବରେ ଘର ଭିତରେ ବ ଗନ୍ଧ ହଜନ, ବାହାରେ କାଉ କୋଇଲିର ଶବଦ ନାହିଁ, ତଥାପି ଜୟୀ ଭାଇଙ୍କୁ ଖରା ଜଣା ପଡୁନି । ପଚାରିଲା,

କଣ କରୁଛି ସେଠେ ଅଛି ?

ତା ବ ଜାଣିନାହିଁ, ତମେ ଚିଠି ନ ପାଇ ବ୍ୟସ୍ତ ଥିବ ବୋଲି କରୁଛି ଭାବ ନେଇ ଆସିଲି ।

ହଉ, କହି ଜେମା ସାଙ୍ଗେ ସାଙ୍ଗେ ଉଠି ସର୍ବତ କରି ଆଣିଦେଲା ପିଇବାକୁ ।

ଚିଠି ପଢ଼ିସାରି ଜେମା ପଚାରିଲା, ନୂଆବୋଉ କେମିତି ଅଛନ୍ତି ?

'ଭଲ ।'

'ରାନୁ'

'ଭଲ ।'

'ନନାଙ୍କ ପାଖରୁ କିଛି ଚିଠି ଆସିଥିଲା କି ?'

'ଜାଣିନ ।'

କିଛି ସମୟପରେ ମା ଉଠିଲେ । ଜେମା କହିଲା, ନୂଆବୋଉ ଗୋଟି 'ଦେଇଛନ୍ତି—ମୁଣ୍ଡିଆ ମାରି କହିଛନ୍ତି—ସେ ଭଲ ଅଛନ୍ତି, ସମସ୍ତେ ଭଲ ଅଛନ୍ତି ।

ଗନୁ ଭଲ ଅଛି ?

କେତେବେଳେ ପୁଅ ଆସିଲେଣି !

ଏଇନେ ଆସିଛନ୍ତି—ଖରାଟାରେ ଆସିଲେ, କହୁଛନ୍ତି ଚାଲିଯିବେ ବୋଲି ।

କାହିଁକି ? ଆମର କଣ ଘର ନାହିଁ ? ଘରର ପୁଅ ତ ସେ । ଆଜି ରହିଯାଉ, କାଲି ଯିବ । ବୋହୂ ପାଖକୁ ଲେଖି ଦେବୁ ।

ଜପ୍ପୀ ରହିଲା ।

ଆଉଦିନେ । ସାଙ୍ଗପିଲାଙ୍କ ସଙ୍ଗେ ଜପ୍ପୀ ଚାଲି ଆସିଥିଲା ଏ ପାଏ । ପିଲାଙ୍କୁ ଛାଡ଼ି ଘରଆଡ଼େ ଚାଲି ଆସିଲା ଜପ୍ପୀ । ଠିଆଏ ଠିଆଏ ଦୁଇପଦ କଥା ବ.ଣ୍ଠା କରି ଯିବାକୁ ବାହାରିଲା—

ଜେମା ପଚାରିଲା, ଏପରି କୁଆଡ଼େ ଆସି ଠିଆ ଠିଆ ଚାଲି ଯାଉଛ ?

ଜପ୍ପୀ କହିଲା, କିଛି କାମ ନଥିଲା ଜେମା ।

କୁକୁଡ଼ାକୁ ଦେଲି ଚଆଁ
ମୁଖ ଦରଶନ କରିବ ବୋଲି
ମିଛେ ମାଗୁଥିଲି ନଆଁ ।

ଜେମା ହସିଲା—ଜପ୍ପୀ ଚାଲିଗଲା ।

ଆଉ ଦିନେ ଜସ୍ମୀ ଆସିଛି—ଏକୁଟିଆ ବସି କେତେ କଥାବାର୍ତ୍ତା ହେଉଚନ୍ତି—ଜସ୍ମୀ ପଚାରିଲା, "ଏକୁଟିଆ ରହିବା କିପରି ଲାଗୁଛି ଜେମା ?

"ନିଜର ସାଙ୍ଗ ନ ଥିଲେ ଯେପରି ଲାଗେ ।

"ମୁଁ ଆଜି ଏପରି ଅପ୍ରତ୍ୟାଶିତ ଭାବେ ଆସି ତମକୁ ବିରକ୍ତ କରି ନାହିଁ ତ ?

"ତମେ ଆସିବାରୁ କେତେ ଭଲ ଲାଗୁଛି ଜସ୍ମୀ ଭାଇ ।

'ସତେ ? ମୁଁ ତ କେତେଥର ଆସିଛି ମୋତେ କହିନଥିଲୁ ।

'ଆଜି ଏକୁଟିଆ ଜୀବନରେ ତୁମକୁ ପାଖରେ ପାଇ ତା ଅନୁଭବ କରୁଛି ।'

'ଜେମା, ଆ ଗୋଟିଏ କଥା କହିବ ।'

'ଏଇଠି କହୁନ ?

'ମା ଅଛନ୍ତି ଆ ଘରକୁ ଆ'

'ଆପତ୍ତି କରିବାର କିଛି ନାହିଁ, ତେବେ

ଭୁଆ ବେଗଡ଼ର ଆଖି
ଅନ୍ଧାର ଘରକୁ ନେଉଛ ଡାକ
ଉପରେ ଧରମ ସାକ୍ଷୀ ।'

ଆଉ ଏକ ଦିନର କଥା ।

ଆକାଶରେ ଜହ୍ନ । ଫଗୁଣର ଶୀତଳ ମଳୟରେ ଜଣା ଅଜଣା ଫୁଲର ବାସନା ଖେଳି ବୁଲୁଚି । ଉପରେ ନିର୍ମଳ ଆକାଶ, ତଳେ ମନ ଉତ୍ତଳା ଗୀତ । ଜସ୍ମୀ ପହଞ୍ଚିଛି ।

ହେମା ହସ ହସ ହୋଇ ପଚାରିଲା, ଆଜି କଅଣ ଆସିଛି ଜୟନ୍ତୀଭାଇ ?

'ଯାହା ତୁ ସଦାବେଳେ ଚାହୁଁଥିଲୁ ।”

'କଣ କହୁନ ?

'ଚିଠି ।'

'ମଲା, ଏଇଆ ଆଣିଚ ?'

“ଏହାଠାରୁ ଭଲ ଜିନିଷ ପାଇଲ ନି, ନେ ।”

ମା ପଚାରିଲେ, ହେମା, କଣ ଚିଠିରେ ବୋହୂ ଲେଖିଛନ୍ତି, ପଢ଼ିଲୁ । କେତେଦିନ ହେଲା ଚିଠି ଦେଇନଥିଲେ ସେ ।

ହେମା ଜହ୍ନ ଆଲୁଅରେ ଚିଠି ପଢ଼ୁଛି—

× × ×

ତମର ଆଗ ଚିଠି ପାଇଛି । ବାପା ଯଦି ଭଲ ଅଛନ୍ତି, ମୋର କହିବାର ନାହିଁ । ମୁଁ ଦଶହରାକୁ ଗଲେ ସବୁ ଠିକ୍ କରିବା—ନୂଆ ଶାଙ୍ଗିଯାଏ ତ ଅପେକ୍ଷା କରିବାକୁ ପଡ଼ିବ ।

× × ×

ହେମା ବୁଝିପାରିଲା—ଲାଜରେ ମୁହଁ ନଇଁଗଲା—ବୋଉ, ସମସ୍ତେ ଭଲ ଅଛନ୍ତି ବୋଲି ଚିଠିରେ ଲେଖାଅଛି, କହି ଉଠି-ଗଲା ।

'ଏ ଚିଠି କେଉଁଠୁ ଆସିଲା ? ନୂଆବୋଉ ତମ ହାତରେ ଦେଇଥିଲେ ?'

'ନା, ଆଜି କଲିକତାରୁ ଏ ଚିଠି ଖଣ୍ଡିକ ଆସିଥିଲା । ଅପା ମାଣ୍ଡିଛଲେ ଥିଲା, ମୁଁ ନେଇ ଆସିଛି ।'

'ନୂଆବୋହୂ ଜାଣିଲେ କଣ କହିବେ ?'

'ସେ ଜାଣି ପାରିବ ନାହିଁ, ମୁଁ ନେଇ ଥୋଇଦେବି । ବହୁତ ରାତି ହେଲଣି, ମୁଁ ଯାଉଛି ।

'ଆଉ କେଉଁଦିନ ଆସିବ ?

'ଯେଉଁଦିନ କହିବୁ ।'

'ନାହିଁ, କେଉଁଦିନ ଆସିବ, କହନ୍ତୁ ।'

'ପରଦିନ !'

'ନିଶ୍ଚୟ ?

'ନିଶ୍ଚୟ ।'

ଜମୁନୀ ଚାଲିଗଲା । ଜେମା ତନ୍ମୟ ହୋଇ ଚାହିଁ ରହିଲା ।

— ଦୁଇ —

ଆଜିର ସୂର୍ଯ୍ୟ ଉଦୟ ହୋଇ ନାହାନ୍ତି । ପୃଥିବୀ ପୂର୍ବଦିନମାନଙ୍କ ପରି ହସି ଉଠିନି । ଚାରିଆଡ଼ ଜଳମୟ । ସାଗରପରି ଚାରିଆଡ଼ ଜଳର ଆସ୍ତରଣରେ ଘେରି ରହିଛି । ଜେମା ଝରକାପାଖେ ଠିଆହୋଇ ଦେଖୁଛି । ନଦୀ, ନାଳ । ଯେଉଁପାଏ ଆଖି ପାଉଛି ଖାଲି ଜଳମୟ । ଯେଉଁ କିଆରିସବୁ ଶସ୍ୟ ସମ୍ଭାରରେ ହସି ଉଠୁଥିଲା, ଯେଉଁ ପଡ଼ିଆରେ ପିଲାମାନେ ସ୍କୁଲରୁ ଫେରି ଆନନ୍ଦରେ ଡେଇଁ ଖେଳୁଥିଲେ, ଯେଉଁ ବଣବୁଦାମାନଙ୍କରେ ଗାଈଆଳ ପିଲାଏ ଗାଈଗୋରୁ ଛାଡ଼ି ମନ ଖୁସିରେ ଗଛ ଉପରେ ବସି ବଇଁଶୀ ବଜାଉଥିଲେ, ସବୁ ସମାନ ହୋଇ ଯାଇଛି ଆଜ । ଆଖି ଛଳ ଛଳ ହୋଇ ଉଠୁଛି ତାର ।

ରମା କହିଲା, ହେମା, କଣ ଦେଖୁଛୁ ? ଇଆରି କୂଳରେ ଘଡ଼ି ବସି କେବେ ଗୀତ ଶୁଣେ ? କୁହୁ କୁହୁ ନାଦରେ ପ୍ରେମର ସଙ୍ଗୀତ ଗାଇ ବାପୁଣୀ ପରି ଯେତେବେଳେ ଧାଇଁ ଯାଉଥାଏ ସାଗର ମୁଖେ କେଡ଼େ ତନ୍ମୟ ହୋଇପଡ଼େ । ମାତ୍ର ଭୁଞ୍ଜା କଳ୍ପନାର କବି କି କେବେ ଏ ତାଣ୍ଡବ ଦେଖିନ ? ଏ ପ୍ରଳୟର ଗୀତ ଶୁଣିନ ?

'ନା' ।

'କେହି ଜାଣନ୍ତି ନାହିଁ କେଉଁଦିନଠାରୁ ଏ ନଦୀଟି ଏହିପରି ବହି ଚାଲିଛି, କେତେ ଜୀବନର ସୁଖ ଦୁଃଖ ହସ କାନ୍ଦ ଗୁଡ଼ିରେ ଛପାଇ । ପ୍ରଥମର କ୍ଷୀଣଧାର ବର୍ଷ ବର୍ଷ କେତେ ଘରଦ୍ୱାର ଭାଙ୍ଗି, କେତେ ଲୋକଙ୍କୁ ଘରଶୂନ୍ୟ, କାଙ୍ଗାଳ କରି, କେତେ ଧନସମ୍ପତ୍ତି ଲୁଟିକରି ନିଜର କଳେବର ବଢ଼ାଇ ବଢ଼ାଇ ଚାଲିଛି, ଏ ଦୃଶ୍ୟବେଳେ କବି କଣ ଚାଖକୁ ଆସେ ନାହିଁ ? କେତେ ଜୀବଜନ୍ତୁଙ୍କ ଶବ, କେତେ ସନ୍ତାନ ହରା ପିତାମାତାଙ୍କ ଆକୁଳ କାନ୍ଦଣା, କେତେ ଘରଦ୍ୱାରର ଭଗ୍ନାବଶେଷ ବକ୍ଷରେ ଧରି ଆଜି ଗର୍ବରେ ଗୁଡ଼ି ଫୁଲାଇ ଚାଲିଛି ସେ । ଜଡ଼ ଅଜଡ଼ ସମସ୍ତଙ୍କୁ କୋଳରେ ଧରି ଗର୍ବୋନ୍ମତ୍ତରେ ଆଜି ଚାଲିଛି ସେ ଦରିଆର ଗର୍ଭକୁ, ଯେଉଁଠାରୁ ଆଉ କେହି ଫେରିବେ ନାହିଁ । ମଣିଷ ତାର ସମସ୍ତ ଧନ ସମ୍ପତ୍ତି, ବୁଦ୍ଧି ବୃତ୍ତି ଖଟାଇ ତାର ଗତିରୋଧ କରିବାକୁ ଗଲାବେଳେ ସେ ମନୁଷ୍ୟର ସମସ୍ତ ଶକ୍ତିକୁ ଗୋଡ଼ରେ ଆଡ଼େଇ ଦେଇ ଅଟ୍ଟହାସ କରି ଆସି ପହଞ୍ଚିଛି ପ୍ରଳୟର ଝଞ୍ଜା ଧରି ସମସ୍ତଙ୍କର ଅଜାଣତରେ ।

'ନୂଆବୋହୂ, ଭାଇ ଡାକୁଛନ୍ତି; କଣ କରିବା ?'

ଜେମା ଏକମାତ୍ର ଭରସା ଭଗବାନ । ମନୁଷ୍ୟର ବଳ ଆଜ ପ୍ରକୃତି ଆଗରେ ନଇଁ ପଡ଼ିଛି । ସେଇ ତାଙ୍କର ଭଲରେ ଥାନ୍ତୁ—ଆମର ରକ୍ଷକ ଭଗବାନ—ତାଙ୍କ ଛଡ଼ା ଆଉ କେହି ସାହା ନାହିଁ

ଦ୍ୱିପ୍ରହର ବେଳ । କିଏ ଖାଇ ସାରିଛି; କିଏ ଖାଇନି; ଝୁହାକୁ ଝୁହା ବର୍ଷା ହେଉଛି । ଗାଁରେ ପାଟି ଶୁଭିଲା "ଘୁଣି ଗୋଟିଏ ଘାଇ ଭାଙ୍ଗି ଗଲା, ଆଉ ରକ୍ଷା ନାହିଁ, ଘରଦ୍ୱାର ଏଥର ଭସିଯିବ, ସମସ୍ତେ ଘରୁ ଚାଲି ଆସ ।"

ମା ଦୁଆରୁ ପାଟି କଲେ, ଜେମା, ବୋହୂ, ବନ୍ଧ ଉପରକୁ ଚାଲିଆସ; ଆଉ ବସିଛ କ'ଣ ? ଗାଁ ଯେ ଭସି ଯାଉଛି ।'

କେବେ ହେଲେ କାହା ଆଗକୁ ଏମାନେ ଯାଇ ନାହାନ୍ତି । ସମାଜର ଶାସନ ତଳେ ଘର ଭିତରେ ବଢ଼ି ଆସିଛନ୍ତି ଏମାନେ । ଆଜି କପରି ପଦାକୁ ଯିବେ ? ଦାଣ୍ଡ କବାଟ ପାଖେ ଠିଆ ହୋଇ ଦେଖିଲେ ପିମ୍ପୁଡ଼ି ଧାର ପରି ବନ୍ଧ ଉପରକୁ ଗାଁର ଲୋକେ ମାଡ଼ି ଚାଲିଛନ୍ତି । କିଏ କଣ ଖଣ୍ଡେ ଧରିଛି କି ନାହିଁ । ସମ୍ଭାଳିକୁ ପଚାରୁଛି କିଏ ? ଜୀବନ ରଖିବା ଅସମ୍ଭବ । ଜେମା ଦେଖିଲା ରାମ ଭାଇ ସ୍ତ୍ରୀ, ଗୋବନ୍ଦା ବୋଉ, ଗୋପାଳ ବାବୁଙ୍କ ବୋହୂ ଯେଉଁମାନଙ୍କୁ କେହି କେବେ ଦେଖିନଥିଲେ ସମସ୍ତେ ବନ୍ଧ ଉପରେ । ସେ ଜାଣି ପାରିଲା ଆଜି ସମାଜର ପରଦା ଫିଟି ଯାଇଛି । ନୂଆବୋହୂ ପିଲାଟିକୁ କାଖରେ ଧରିଲେ । ସମସ୍ତେ ଗଲେ ବନ୍ଧ ଉପରକୁ । କୃଷ୍ଣଙ୍କର ବଂଶୀରବ ଶୁଣି ଗୋପୀମାନେ ଯେଉଁ ସ୍ଥାନରୁ ଦୌଡ଼ି ଆସିଲାପରି କିଏ ଅଧା ଖାଇଥିଲା, କିଏ ଲୁଗା ବଦଳୁ ଥିଲା, କିଏ ମୁଣ୍ଡ କୁଣ୍ଡାଉଥିଲା, କିଏ ଶୋଇବାକୁ ଯାଉଥିଲା ସମସ୍ତେ ପାଟି ଶୁଣି ବନ୍ଧ ଉପରକୁ ଉଠି ଆସିଲେ ।

ଅସରାକୁ ଅସରା ବର୍ଷା ଆସୁଛି । ଘର ମୁଣ୍ଡ ଦୋଳାରେ ସୁଡ଼ୁବୁଡ଼ୁ ହୋଇ ଯାଉଛି । ଶୀତ ପବନ ବହୁଛି । ବନ୍ଧର ଦୁଇ କରରେ ପାଣି ଧାର ଠାହାଲ ମାରୁଛି । କେଉଁ ଅଞ୍ଚଳେ ଆଉ ଯିବାର ଉପାୟ ନାହିଁ କି କିଛି କରିପାରିବାର ଉପାୟ ନାହିଁ । ଉପରେ ମେଘାଚ୍ଛନ୍ନ ଆକାଶ, ତଳେ ବର୍ଷା ପାଣିରେ କର୍ଦ୍ଦମାକ୍ତ ମାଟିବନ୍ଧ । ତେଣେ ପବନର ପ୍ରକୋପ । ସଙ୍ଗରେ ଆଉ କିଛି ନାହିଁ—କେବଳ କେତୋଟି ଜୀବନ ବନ୍ଧ ଉପରେ ନିରାଶ୍ରୟ ଭାବେ ପଡ଼ି ରହିଛି ।

କୋଳରେ ଦେଢ଼ ବର୍ଷର ଶିଶୁ ରାନୁ । କାନ୍ଦୁଛି, ଛଳୁଛଳୁ ଆଖି । ଶୀତରେ ଦେହ ଥଣ୍ଡା ହୋଇ ଯାଇଛି । କେହି ତା ମୁହଁକୁ ଚାହିଁ ପାରୁ ନାହାନ୍ତି ।

ଓଦା ଲୁଗା ଦେହରେ ପବନ ବାଜି ଶୁଖୁଛି, ପୁଣି ଓଦା ହେଉଛି । ରାତି ଆସିଲା । ପ୍ରଳୟର ରାତି । ପାଣିର ଧୁ ଧୁ ତାନ ପବନର ସୁ ସୁ ଶବଦ ପ୍ରଳୟର ଝଞ୍ଜା ସୃଷ୍ଟି କରୁଛି । ରାତିର ଅନ୍ଧାର, ବର୍ଷାର ଝଡ଼ ସବୁ ମିଶି ଯାଇଛନ୍ତି । କେହି କାହାକୁ କିଛି କହୁ ନାହାନ୍ତି । ଲଗାଲଗି ହୋଇ ବସିଛନ୍ତି ସମସ୍ତେ । କାହା ପେଟକୁ ଆଜି ଆହାର ଯାଇନି । ବର୍ଷା ପାଣି ପବନ ଖାଇ, ସ୍ତନରୁ କ୍ଷିର ଦେଇ ରମା କୋଳରେ ସାଇତି ରଖିଛି ତା ପ୍ରାଣର ରାନୁକୁ ।

ସକାଳ ହେଲା । ବର୍ଷା ସାମାନ୍ୟ ଛାଡ଼ି ଆସିଛି । ପବନ ସେହିପରି ବହୁଛି । କିଛି ସମୟ ପାଇଁ ଖରା ପଡ଼ିଲା । କେତେ ଗଛଲତା, ଜୀବଜନ୍ତୁ ଭାସିଯାଉଛନ୍ତି । କୂଳରେ ଭାସି ଭାସି ଗୋଟିଏ ଶିଶୁର ଶବ ଲାଗିଛି । ବାଡ଼ିରେ ଆଡ଼େଇ ଦେଉଛନ୍ତି ଗାଁ

ଲୋକମାନେ, ସେମାନଙ୍କର ତଥାପି ବୁଝିବାର ବୁଦ୍ଧି ଆସି ନାହିଁ । ବନ୍ଧ ଟିକଏ ଗଳିଆ ପଡ଼ିଲେ ସେମାନେ ବି ସେଇଆ ହେବେ ।

ଜେମା କହିଲା, ନୂଆବୋଉ ; ଫୁଲରୁ ପାଖୁଡ଼ା ଖସିଗଲା ପରି କେଉଁ ମା'ର କୋଳରୁ ଆଜ ଏ ପିଲାଟି ଖସିପଡ଼ିଛି ଦେଖୁଛ ?

ରମା କୋଳକୁ ଚାହିଁ ଦେଖିଲା ସାନୁ ଜୁକୁ ଜୁକୁ କରି ଚାହିଁଛି ।

ପୁଣି ଚାରିଆଡ଼େ ଅନ୍ଧାର କରିଆସିଲା ମେଘ । ସଙ୍ଗେ ସଙ୍ଗେ ଧୁହାକୁ ଧୁହା ବର୍ଷା ମାଡ଼ିଆସିଲା । ନିଶ୍ଚଳ ନିସ୍ତବ୍ଧ ହୋଇ ବସି ରହିଛନ୍ତି ସମସ୍ତେ । ଜୀବନର ମାନ, ଦମ୍ଭ, ଗର୍ବ, ଅଭିମାନ, ରୋଷ ସବୁ ଆଜ ତୁଟିଯାଇଛି ଲୋକମାନଙ୍କର । ବଡ଼ ସାନ, ଧନୀ ନିର୍ଦ୍ଧନ ସବୁ ଭେଦ ଆଜ ଚାଲିଯାଇଛି—ଜେମା କହିଲା, ନୂଆବୋଉ, ବେଳକୁ ବେଳ ପାଣି ମାଡ଼ି ଚାଲିଛି । କମିବାର ଲକ୍ଷଣ ଦିଶୁନାହିଁ । ଏ ପବନରେ ମଣିଷ ଝୁଡ଼ିପଡ଼ିବ । ଜୀବନର ମୂଲ୍ୟ କଣ ଏ ପ୍ରଳୟ ଝଞ୍ଜା ବୁଝିବ ? ଯଦି ଏ ବନ୍ଧ ଭାଙ୍ଗିଯାଏ ?

ସେ ସବୁ ପାଟିରେ ଧର ନା ଜେମା । ଏ କୋଟି କୋଟି ଗଛଲତା, ଜୀବଜନ୍ତୁ ଯେ ସୃଷ୍ଟି କରିଛନ୍ତି ସେ ନିଶ୍ଚୟ ବୁଝିବେ । ସେ ମଙ୍ଗଳମୟଙ୍କ ସୃଷ୍ଟିରେ ଅମଙ୍ଗଳ କାହିଁକି ଆଶଙ୍କା କରୁଛୁ ?

ତା ଆରଦିନ । ପାଣି ଛୁଞ୍ଚି ଆସିଛି । ନିରାଶା ଓ ଅନାହାରରେ ନିସ୍ତେଜ ହୋଇ ପଡ଼ିଛନ୍ତି ସମସ୍ତେ । ଏତିକିବେଳେ ଦୂରରୁ ଖଣ୍ଡିଏ ଡଙ୍ଗା ଦେଖାଦେଲା ।

ରମା କହିଲା, ଜେମା, ଭଗବାନ ଏଥର ଗୁହାରି ଶୁଣିଛନ୍ତି । ସେଇ ଦେଖ ଖାଦ୍ୟଦ୍ରବ୍ୟ ଧରି କେତେ ଲୋକ ଆସୁଛନ୍ତି ଆମକୁ ସାହାଯ୍ୟ କରିବା ପାଇଁ ।

ନୂଆବୋହୂ, ଏମାନେ ସାତ ପର । ଏମାନେ କଣ ଆମକୁ ସାହାଯ୍ୟ କରିବେ ?

ପ୍ରକୃତରେ ବେପାରୀ ଏମାନେ । ଜୀବନ ଗଲାବେଳେ ବି ଜୀବନର ମୂଲ୍ୟ ବଦଳରେ ଏମାନଙ୍କର ଲାଭ ଉଠାଇବାକୁ ଇଚ୍ଛା । ଧନ, ଜୀବନର ବିନିମୟରେ ଏମାନେ ଦେବେ ଖାଦ୍ୟ । କାହାର ଆଗକୁ ଯାଇ ଏମାନେ ଆଜଯାଏ ହାତ ପାତି ନାହାନ୍ତି—ତଥାପି ବଞ୍ଚି ରହିବାକୁ ହେବ । ଉମା ବେକରୁ ମାଳି କାଢ଼ିଲା – ଆହାର ପାଇଁ ପାଇଲେ କିଛି ଖାଦ୍ୟ—

ତା ଆରଦିନ ଉପରେ ଉଡ଼ାଜାହାଜ ଉଡ଼ୁଛି । ଗୁଡିକ ଗୁହାଁଳି ପରି ଚୁହିଁ ରହିଲେ ସମସ୍ତେ ଆକାଶକୁ । ଉପରୁ ପଡ଼ିଲା ଖାଇବାପାଇଁ ଜିନିସ, ପିନ୍ଧିବାପାଇଁ ଲୁଗା ।

ପାଣି ଶୁଖିଗଲା—ସମସ୍ତେ ବନ୍ଧରୁ ଓହ୍ଲାଇ ଘରକୁ ଗଲେଣି । କାହାର ଘର ଭାଙ୍ଗିଯାଇଛି, କାହାର ଅଧା ଭଙ୍ଗା ।

ଉମା କହିଲା ଜେମା, ଭଗବାନ ଦେଇଗଲେ ଶିକ୍ଷା; ମାତ୍ର ସେ ଶିକ୍ଷା ମନୁଷ୍ୟ ବୁଝେନି; ମନୁଷ୍ୟର ପ୍ରକୃତି କେବେ ଯାଏନି । ଯେଉଁ ପ୍ରକୃତି ଧରି ଏମାନେ ବଞ୍ଚିଥିଲେ, ସେ ପ୍ରକୃତି ଏ ପାଣିରେ ଧୋଇହୋଇନି; ପୁଣି ସେଇ ପ୍ରକୃତିନେଇ ଆଜି ଏମାନେ ଫେରିଲେ ନିଜ ନିଜ ଘରକୁ । ସେଇ ରାଗ, ହିଂସା, ଦ୍ୱେଷ ପୁଣି ଖେଳିବ ଏଇମାନଙ୍କ ଅନ୍ତରରେ । ଆଉ ଗୋଟିଏ କଥା କହୁଛି— ତୁ ମାଙ୍କୁ ନେଇ ଘରକୁ ଯା—ମୁଁ ରମିଆକୁ ସଙ୍ଗରେ ନେଇ ଯାଉଛି ଦେଖି ଆସିବି ବୁଢ଼ା ବାପା କପରି ଅଛନ୍ତି, ଜପୁ୍ଲୀ କପରି ଅଛି ।

ନୂଆବୋହୂ, ଏକା ଶିବ ?

ହଁ ଜେମା, ମୁଁ ସବୁ ଜାଣିଛି । ତୁ ଉତ୍ତରପାରବୁ ନାହିଁ । ...ଙ୍କ ସ୍ୱମିଆ କହୁଥିଲା ସେକଥା ଭଲକରି ଜାଣି ଛୁଇଁନ, ଦାଣ୍ଡରେ ...ରେ ପାଣି ପଡ଼ିବ—

ନୂଆବୋହୂ !

ମାଙ୍କୁ ଘରେ ଛାଡ଼ିଦେଇ ବଢ଼େ ବଢ଼େ ଗଲେ ଏମାନେ— ...ଙ୍ଗରେ ସ୍ୱମିଆ ଯାଉଛି । ଚାରିଆଡ଼େ ଜଳମୟ । ଖଣ୍ଡେ ...ଲପରେ ଦେଖିଲେ ସେ ଗାଁ ଲୋକେ ବସିଛନ୍ତି କହୁଛନ୍ତି । ...ଇରେ ଗାଁକୁ ଛାଡ଼ି ଆସିଛନ୍ତି ପାଣିଭୟରେ । ମନେ ... ଏମାନେ ଚାରିଆଡ଼େ ଖୋଜିଲେ; ଶେଷରେ ଦେଖିଲେ ... ଗୋଟିଏ କଡ଼ରେ ବୁଢ଼ା ବାପା ଶୋଇ ପଡ଼ିଛନ୍ତି—ଆଖି ... ...ଡିଯାଇଛି—

ରମା ଡାକିଲା, ବାପା !

କେତେବେଳେ ବୁଢ଼ା ଆଖି ଖୋଲିଲା—... ...ଆସୁଥିଲା, ମାତ୍ର ଆଗରେ ଜେମାକୁ ଦେଖି ପୁଣି ଆଖି ... ...ମା ବାପାଙ୍କୁ ଉଠାଇଲା; ଖାଇବାକୁ ଦେଲା ।

ଥରେ ଅଧେ ଖାଇବା ... ଖାଇ ବୁଢ଼ା କହିଲେ 'ରମା, ... ନ ଆସିଥିଲେ ଭଲ ହୋଇଥାନ୍ତା—ମୋର ଏ ଅଲୋଡ଼ା ... ...ପରେ ... ଭଲ ଥିଲା ।'

ରମା ପଚାରିଲା ବାପା, କହୁଛ କାହିଁ ?

ବୁଢ଼ାର ଆଖିରୁ ଲୁହଧାର ଗଡ଼ିଲା ।

ବାପା !

ଶୁଣ ଚେତେବେ—ପ୍ରଥମ ଦିନ ରାତି, ବନ୍ଧରେ ଗୋଟିଏ ଗ୍ରେଣ୍ଡ ଗଳିଆ କରି ବଢ଼ି ପାଣି ଧୀରେ ଧୀରେ ଗାଁ ଭିତରକୁ ପଶୁଥିଲା । ଗାଁର ଲୋକମାନେ ବହୁତ ଚେଷ୍ଟା କଲେ ତାହା ବନ୍ଦ କରିବାକୁ । ବାଲିବସ୍ତା ପକାଇଲେ, କେତେ ଗଛ କାଟି ପକାଇଲେ । ଦେଖିଲେ ଘାଇ ବନ୍ଦ ହେଉନାହିଁ, ତା ପରେ ସେମାନେ କ୍ରମେ କ୍ରମେ ବନ୍ଧଗୁଡ଼ ନିଜକୁ ରଖିବା ପାଇଁ ଏଠାକୁ ଆସିଲେ ମାତ୍ର ଜମ୍ବୀ, ଗୋବନ୍ଦା, ହରିଆ ଆସିଲେ ନାହିଁ । ଶେଷଯାଏ ଚେଷ୍ଟାରେ ଲାଗିଲେ । କ୍ରମେ କ୍ରମେ ଘାଇ ବଡ଼ ହେବାକୁ ଲାଗିଲା ଓ ପ୍ରବଳ ସ୍ରୋତରେ ଏମାନେ ଝାସ ଦେଲେ । ଗାଁକୁ ରଖିପାରିଲେ ନାହିଁ—ଗାଁ ଭାସିଗଲା, ବନ୍ଧ ଭାଙ୍ଗିଲା । ଜମ୍ବୀ ପାଇଲା ସଲିଳ ସମାଧି—ଆଜି ମୁଁ ଏ ପୋଡ଼ା ଜୀବନକୁ ଲୋଭରେ ଧରି ଏଠାରେ ପଡ଼ିଛି—

ଜେମା ତଳକୁ ମୁହଁ ପୋତି ବସିଛି—ଆଖିରୁ ଲୁହର ଧାର ଛୁଟିଛି । ସମସ୍ତ ସୁଖ ଆନନ୍ଦ ତାର ଆଜି ଭାସି ଯାଇଛି ଏଇ କଣ୍ଢାର ସ୍ରୋତ ସଙ୍ଗେ । ପାଣିରେ ବୁଡ଼ିଥିବା ଶସ୍ୟକ୍ଷେତ ପୁଣି ସୁନାଭ ଫଳ ଧରିବ, ଭାଙ୍ଗିଥିବା ମାଟିର ଘର ପୁଣି ପଥରରେ ଗଢ଼ି ଉଠିବ; ମାତ୍ର ସଂସାର ଚକ୍ଷୁର ଅନ୍ତରାଳରେ ଯେଉଁ ରଚିତ ପ୍ରେମର ମଣ୍ଡ ଆଜି ନଷ୍ଟ ହୋଇଯାଇଛି ତାକୁ ଫେରାଇ ଦେବ କିଏ ?

'ଥାଉ ମା କାନ୍ଦନା' । ଆଖିର ଲୁହକୁ କାନରେ ପୋଛୁ ରମା କହିଲେ ।

'ନୂଆବୋହୂ' ! ଡାକି ଜେମା ରମା କୋଳକୁ ଢଳି ପଡ଼ିଲା ।

# ନବ ବିବାହିତର ଚିଠି

ଶ୍ରୀ ... ... ...

ମୁହଁ ଖୋଲି କରି ନାହିଁ ଯା'ରେ ନିବେଦନ;

ସମ୍ବୋଧନ କରିବାକୁ ଆଜି କିଛି ପାରିଲି ନାହିଁ । ତେଣୁ
ମେ ମୋ ପାଖରେ ଯାହା ତାହାର ବର୍ଣ୍ଣନା ମାତ୍ର ଦେଇ
ମ୍ବୋଧନ କଲି । ବହୁତ ଦିନ ପରେ, ନାଁ । ଗୋଟାଏ
ବନ ପରେ ପୁଣି ଫେରିବାକୁ ଚାହୁଁଛି ତମ ପାଖକୁ । କିନ୍ତୁ କି
କାଳି ଫେରିବ ? ତୁମ ଆଖିରେ ମୁଁ କ'ଣ ଥିଲି ତା' ତ ମୁଁ
ଣେ ନାଁ, କେମିତି କହିବ ପୁଣି ସେଇଆ ହୋଇ ଫେରିବାକୁ
ହୁଁଛି ବୋଲି । ଆଜି ଯଦି ତୁମ ପାଖରେ କିଛି ଥିଲି, ତେବେ ମୁଁ
'ଣ ଆଜି ତା' ଅଛି ଯେ, ସେଇଆ ହୋଇ ଫେରିବ ! ଏଇ
ଦିନ ତୁମଠୁଁ ଘରେ ବିଦାୟ ନେଇ ଆସିଥିଲି,
ରି ଲାଗୁଛି; କିନ୍ତୁ ଏଇ କେତୋଟା ଦିନ ଭିତରେ
ବୁ ଝଞ୍ଜା ମୋ ଉପର ଦେଇ ବହି ଯାଇଛି, ମୋର
ହାର ସବୁ ପରିବର୍ତ୍ତନ କରିଦେଇ । ତମରି ମନେଥିବ

ମୋତେ ଦୁଇଥର ଦେଖା ହୋଇଛି, ସେ ପୁଣି ମୁହୂର୍ତ୍ତକ ପାଇଁ, ପୁଣି ଅପରିଚିତ ଭାବରେ । କାହିଁକି କୁଣ୍ଠା ଲାଗିଲା ପରିଚିତ ପରି କଥାଭାଷା କରିବାକୁ ଜାଣେନା, କିନ୍ତୁ ଲାଗିଲା ବୋଧହୁଏ ମୋର ନୂତନ ଜୀବନର ପ୍ରଚେଷ୍ଟାକୁ ଦୃଢ଼ ଧରି ରହିବାପାଇଁ ଅଭିମାନ କରି ।

ତୁମଠୁଁ ସେଦିନ ବିଦାୟ ନେଇ ଆସିଲି, ତା' ପରଠୁଁ ମୋ ଜୀବନର କରୁଣ ଇତିହାସ ନୁହେଁ । ସେତେବେଳେ ଦାରିଦ୍ର୍ୟର ଦାସ ହୋଇଥିଲେହେଁ ଅସହାୟ ନଥିଲି ବା କୃପାର ପାତ୍ର ନଥିଲି । କିନ୍ତୁ ସେଇଦିନଠୁଁ ମନେହେଲା ଯେମିତି ମୁଁ ଗୋଟାଏ କୃପାର ପାତ୍ର ହୋଇଯାଉଛି । ମୋର ସମସ୍ତ ଶକ୍ତି ପ୍ରୟୋଗ କରି ସର୍ବନାଶୀ ଏ ଚିନ୍ତାକୁ ପ୍ରତିହତ କରିବାକୁ ଚେଷ୍ଟା କଲି, କିନ୍ତୁ ବିଫଳ ହେବା ଛଡ଼ା ଆଉ କିଛି ଉପାୟ ନଥିଲା । ଏ ମାନସିକ ଅନ୍ଧକାରରୁ ରକ୍ଷା ପାଇବାକୁ ଦୂର-ଦୂରାନ୍ତ ପ୍ରଦେଶରେ ବୁଲିଲି, କିନ୍ତୁ ସବୁଠି ସେହି ଆତ୍ମ ଅଭିମାନ ଉପରେ ଆଘାତ ହାତୁଡ଼ିମାଡ଼ ପରି ଯନ୍ତ୍ରଣା ଦେବାକୁ ଲାଗିଲା । ବୁଝିଲି ମୁଁ ମାନସିକ ଶକ୍ତି ହରାଇ ଅସହାୟ ହୋଇ ଯାଇଛି, ଆଉ ସେଭଳି ଅବସ୍ଥାରେ ମୁଁ ବାସ୍ତବିକ କୃପାର ପାତ୍ର ।

ତା'ପରେ—

ଅପ୍ରତ୍ୟାଶିତ ଭାବରେ ଅଧଃପତନ ହେଲା ମୋର, ମାନସିକ ଜଗତକୁ ସାରଶୂନ୍ୟ କରିଦେଇ । ଭାବିଲି ଜୀବନଟା ମୋର ଦୁର୍ବହ ହୋଇଯିବ ବୋଧହୁଏ । ଦୁର୍ବହ ଯେ ନହେଲେ ନୁହେଁ, ଖାଲି ଏ ଆତ୍ମରକ୍ଷା କରିବାକୁ ଯାଇ ହିମାଳୟ ଭଳି ପ୍ରକାଣ୍ଡ ଭୁଲ କରି ବସିଲି । ଆଦର୍ଶ ବିଚଳିତ ହେଲେ ମଣିଷ

ଏମିତ ଆତ୍ମହରା ହୋଇପଡ଼େ । ତୁମେ ଜାଣ, ମୁଁ କେତେ ଆଦର୍ଶ ବାଦୀ ଥିଲି, କିନ୍ତୁ ସେଇ ଯୋଉଁ ଧକ୍କାରେ ମୋର ଆଦର୍ଶ ଚ୍ୟୁତ ହୋଇଗଲି, ଆଉ ସେ ଆଦର୍ଶ ଫେରି ପାଇଲି ନାହିଁ । ଫେରି ପାଇଥିଲେ ଗୋଟାଏ ସ୍ମୃତି ମନରେ ରଖି ଚିରଦିନ ଚଳି ପାଇଥାଆନ୍ତି, କିନ୍ତୁ ନୂତନ ବାୟୁ ମଣ୍ଡଳର ପ୍ରଭାବରେ ଭାବିବାକୁ ଶିଖିଲି—"ଏହି ଆଦର୍ଶବାଦ ଦ୍ୱାରା ନିଜକୁ ପ୍ରତାରଣା କରାଯିବ ନା !" ତେଣୁ ସ୍ୱାଭାବିକ ସ୍ମୃତିକୁ ପୋଛି ଦେବାକୁ ଚେଷ୍ଟାକଲି ସେ ଜାଗାରେ ଆଉ ରକ୍ତମାଂସ ଗଢ଼ା ପ୍ରତିକୃତି ଆଣି ଠିଆ କରିବାର ଚେଷ୍ଟାକଲି । ଚେଷ୍ଟାକଲି କହିଲେ ଠିକ୍ ହେବନାହିଁ, ଠିଆକଲି । ଆଶାଥିଲି ମୋର ଚେଷ୍ଟା ଆଉ ନୂତନ ଆଗନ୍ତୁକର ଅଧିକାର ଦାବିରେ ମୋର ଶୂନ୍ୟସ୍ଥଳ ପୂର୍ଣ୍ଣ ହୋଇଯିବ । କିନ୍ତୁ ହେଲି କ'ଣ ? ତୁମେ ଜାଣନା ବୋଧହୁଏ ? ଜାଣିଲେ କି କରିବ କଣ ? ସମବେଦନାରେ ଦୀର୍ଘ ନିଶ୍ୱାସ ପକାଇବ ? ମେ ସହାନଭୂତି ତମର ଅଛିତ ? ଏଥି ଭିତରେ ନାରୀ ଜାତି ସମ୍ବନ୍ଧରେ ମୋର ଯେଉଁ ଅଭିଜ୍ଞତା ହୋଇଛି ସହାନଭୂତି ଗୁଣତମ ଜାତିଠାରେ ଅଛି କି ନାଁ ସନ୍ଦେହ ହୁଏ, ତଥାପି—ସାରାଂଶ କହିଦିଏ, 'ମୋର ବାଞ୍ଛିତ ଜୀବନ ବିଷମୟ ହୋଇ ଉଠିଛି !'

କାହିଁକି ? ମୋର ଦୋଷ ନୁହେଁ ତ କାହାର ଦୋଷ ? କି ଫେଇ ଆଉ ଦେବି ? ଭାବିଲେ ଆଖିରେ ଲୁହ ଆସେ, ମୁଁ କେଉଁ ଅବସ୍ଥାରେ ବଞ୍ଚିଛି । ଏମିତି ବଞ୍ଚିବା ଅପେକ୍ଷା କ'ଣ ମରିବା ହିଁ ତ ଭଲ ନୁହେଁ ? ଦୁଃଖ କରିବନି ମୋ ମରିବା କଥା ଶୁଣି, ମୁଁ ତମର କେହି ନୁହେଁ ।

ମନେ କରିଥିଲି ନବବଧୂର ନୂପୁରଧ୍ୱନିରେ ପ୍ରାଣ ମୋର ଭରିଉଠିବ, ଆଉ ମୁଁ ପୁରୁଣା ଚିନ୍ତା ସବୁ ଭୁଲିଯିବି କିନ୍ତୁ

ଆଦର୍ଶ ପାଇ । କିନ୍ତୁ ଦୁର୍ଭାଗ୍ୟ ଯେ ମୁଁ ଭାବି ନଥିଲି, ନୂପୁରଧ୍ୱନି ପ୍ରାଣ ଫୁଟାଇପାରେ ଯେତେବେଳେ ନୂପୁର ସହିତ ଟଙ୍କାର ଆୱାଜ ତାଳଦେଇ ଶୁଣାଯାଏ । ଦରିଦ୍ର ମୁଁ, ତମ୍ବା ପଇସା ନେଇ ମୋର କାରବାର, ତେଣୁ ନବବଧୂର ନବୀନତା ମଉଳିଗଲା ଅର୍ଥର ପୁଷ୍ଟିକର ଜଳ ଅଭାବରୁ । ବହୁତ ଦିନ ପରେ ବୁଝିଲି, ବିବାହର ଅବ୍ୟବହିତ ପରେ । ବାସ୍ ତା'ପରେ ବଚସତାଡ଼ନା ଗଞ୍ଜଣାଲଗା । ମୋ ପକ୍ଷରେ ଖାଲି ହାତରେ ତା'ଙ୍କୁ ଖୁସିକରି ମୋର ମତ ଅନୁସାରେ ମନୁଷ୍ୟ କରିବାର ଚେଷ୍ଟା ତା' ପକ୍ଷରେ ଅବହେଳା ପୂର୍ଣ୍ଣ ବ୍ୟବହାର, ଆଉ ଦରିଦ୍ରର ଦାରିଦ୍ର୍ୟ ପ୍ରତି ଅବହେଳା ପ୍ରଦର୍ଶନ । ଏହି ହେଲା ଆମର ଦୈନନ୍ଦିନ କାର୍ଯ୍ୟକ୍ରମ ।

ଭଲ ଆନନ୍ଦରେ ଅଛ ନା ? ମଝିରେ ଆଉ ଥରେ ତୁମ ସହିତ ଦେଖାହେବାର ସୁଯୋଗ ପାଇଥିଲେ ମୁଁ ଜାଣିଶୁଣି ଏଡ଼ି ଚାଲିଛି, କାହିଁକି ଜାଣ ? ଏହି ଯେଉଁ ଆନନ୍ଦରେ ଅଛ,ସେ ଆନନ୍ଦରୁ ତୁମକୁ ଭାଗ ଦେବାକୁ ସଙ୍କୋଚ ବୋଧକରି । ସତେ, ଅନେକଥର ମନେ ହୋଇଛି, ତୁମକୁ ଡାକି ମୋର ଏ ଦୁର୍ବହ ଜୀବନର ଅବସ୍ଥା ଦେଖାଇବି । କିନ୍ତୁ, ଭୟ ହୋଇଛି କାଳେ ତମେ ଉପେକ୍ଷା ଦେଖାଇ ହସିଦେବ । ଉପରେ ନହସି କାଳେ ମନେ ମନେ ହସିବ, ସେହି ଡରେ ଡାକିନି ।

ହଁ, ଆଜି ଗୋଟାଏ କଥା ଲେଖିବି ଲେଖିବି ମନେ କରୁଛି, କିନ୍ତୁ ଭୟ ହେଉଛି । କଥାର ସତ୍ୟତା ଉପରେ ନିର୍ଭର କରି ଯାହା ଭାବିବାର ଭାବିବ । ଅଳୀକ ଅପବାଦ ହୋଇଥିଲେ ଖଳର ଖେଳ ବୋଲି ହସି ଉଡ଼ାଇ ଦେବା ଉଚିତ । ଏଠାରେ ଜଣେ ଲୋକଠାରୁ ତମ ସମ୍ବନ୍ଧରେ ଅନେକ ଆପତ୍ତି-ଜନକ ଅପବାଦ କଥା ଶୁଣିଲି ।

ସତ ବୋଲି ବିଶ୍ୱାସ କରିବାକୁ ହୃଦୟ କହୁନାହିଁ, ତଥାପି ତୁମକୁ ଏଭଳି ଅପବାଦ ସମ୍ବନ୍ଧରେ ସାବଧାନ ହେବାକୁ ଅନୁରୋଧ । ସେ ଲୋକଟି କିଏ ଅନୁମାନ କରୁଥିବ ବୋଧହୁଏ । ସେ ମୋ ଜୀବନରେ ତମର ସ୍ଥାନ କେଉଁଠି ନଜାଣି ମୋ ମନରେ ଯେଉଁ ଆଘାତ ଦେଇଛି, ସେଥିପାଇଁ ମୁଁ ତା'କୁ କ୍ଷମା କରି ପାରିନି, ପାରିବି ନାହିଁ ମଧ୍ୟ । ସେ ତୁମର ଓ ମୋର ଜଣେ ସାଧାରଣ ପରିଚିତ ଲୋକ ।

ମୋର ଇତିହାସ ତ ଏପର୍ଯ୍ୟନ୍ତ ଗାଇଲି । ବର୍ତ୍ତମାନ ମନ ଭିତରେ ଯେଉଁ ବାତ୍ୟାବିକ୍ଷୋଭିତ ତରଙ୍ଗ ବହୁଛି ତା'ର ହିସାବ ଦେବିକି ? ହୃଦୟରକ୍ତର ବେଦନାମୟ ପ୍ରବାହକୁ ସ୍ୱଇଚ୍ଛାରେ ବନ୍ଦ କରିଦେବା ପାଇଁ କେତେଥର ଯେ ମନକୁ ଆସିଲାଣି ତା'ର ଠିକଣା ନାହିଁ । କିନ୍ତୁ ପାରୁନାହିଁ, ବୋଧହୁଏ ଭୀରୁ ମୁଁ । ଭାବୁଛି କୌଣସି ଦୂର ଦେଶକୁ ଚାଲିଗଲେ ଟିକିଏ ଶାନ୍ତି ମିଳିବ, କିନ୍ତୁ ଯେଉଁଠିକି ଯିବି ମନଟାକୁ ଆଉତ ଛାଡ଼ିଦେଇ ଯିବି ନାହିଁ ! ବର୍ତ୍ତମାନ ଏକମାତ୍ର ଆଶା କ'ଣ ଜାଣ ? ଜାଣିବାର ଉପାୟ ନାହିଁ ହଁ, କିନ୍ତୁ ଟିକିଏ ଇଚ୍ଛାକଲେ ଜାଣି ପାରିବ ।

ବର୍ତ୍ତମାନ ମୋର ଫେରିଯିବାର ପଥ ଉନ୍ମୁକ୍ତ କି ? ମୋ ପକ୍ଷରେ ଫେରିବା ପଥ କଣ୍ଟକମୟ—ଅପବାଦ, ଉପହାସ, ସମାଜର ଅଟ୍ଟହାସ ପ୍ରଭୃତି ଆବର୍ଜନାରେ ଭରା—କିନ୍ତୁ ତୁମ ପକ୍ଷରେ ? ଯଦି ମୁଁ ଫେରେ ପୂର୍ବପରି ସରଳ, ନିରଳସ, କଳଙ୍କ ଶୂନ୍ୟ ହୋଇ ଫେରି ପାରିବି ନାହିଁ, ଫେରିବି, ଦୁନିଆଁର ନିର୍ମମ ଆଘାତରେ ନିଷ୍ପେଷିତ କୁତ୍ସା ପାତ୍ର ହୋଇ । ଏଭଳି ଗୋଟାଏ ହତଭାଗ୍ୟ ପାଇଁ ଫେରିବାର ପଥ ଉନ୍ମୁକ୍ତ ତ ? ମୁଁ ଜାଣେ ତମେ

ନ ହଁ କହିବାକୁ କୁଣ୍ଠିତ ହେବ । ତଥାପି ଲେଖିଲି, ଜାଣେ ହଁ କହିବ । ଯଦି 'ହଁ, କହ, ତେବେ ଜୀବନର ଏ ଝଡ଼ଝଞ୍ଜା ଭିତରେ ମଝିରେ ମଝିରେ ତମର ଆଶ୍ୱାସନା ପାଇ ଭୁଲିଯିବି ଏ ଦାରୁଣ ଯନ୍ତ୍ରଣା, ଯାହା ମରଣଠୁଁ ଆହୁରି ଭୟଙ୍କର, ଆଉ ଯଦି ନାହିଁ କର ତେବେ ଏତିକି ଅନ୍ତତଃ ଦାବୀ କରିପାରେ, ମୋର ଏ ଦୁଃଖରେ ଟିକିଏ ସମବେଦନା—ଅନ୍ତତଃ ଗୋଟାଏ ଦୀର୍ଘ ନିଶ୍ୱାସ ।

ତମର,

ଅଜାଣତେ ତମରେ ଲୋଡ଼ିଲି

17 JUL

# ପାଲଟା ଲୁଗା

—ଶ୍ରୀନିବାସ ମିଶ୍ର

କାମରୁ ଫେରିଲାବେଳେ ପଦ୍ମାବତୀ ସନ୍ଧ୍ୟାତ ଗୋଲାପ ସିଂଙ୍କୁ ପ୍ରାୟ ନିତି ଦେଖାହୁଏ । କେତେବେଳେ ପଦ୍ମାବତୀ ଏକାଥାଏ, କେତେବେଳେ ବା ସାଙ୍ଗରେ ଆଉ ଜଣେ ଦି'ଜଣ ସ୍ତ୍ରୀଲୋକ । କିନ୍ତୁ ଏ ଦେଖା ହେବାର ଚେଷ୍ଟା ଏକତରଫା କେବଳ ଗୋଲାପ ସିଂ ଆଡ଼ୁ ।

ଗୋଲାପ ସିଂ ହୀରାକୁଦର ବୟସ୍କ ପଞ୍ଜାବୀ ମିସ୍ତ୍ରୀ—ଦରମା ତା'ର ଆବଶ୍ୟକତା ତୁଳନାରେ ଯଥେଷ୍ଟ । ତା' ଉପରେ ପୁଣି ହାକିମମାନଙ୍କର ସୁଦୃଷ୍ଟି । ପଦ୍ମାବତୀ ହୀରାକୁଦ ପାଖର ଗୋଟିଏ ଛୋଟ ଗାଁର ଗଣ୍ଡା ଯୁବତୀ—ଘରେ ଅଭାବ—ତା' ଉପରେ ପୁଣି ବାପ ମା ନାହାନ୍ତି । ଭାଇ ଭଉଜଙ୍କ ଗ୍ରାସରେ ଅନ୍ୟ ଦଶଜଣ ଝିଅଙ୍କ ପରି ପଞ୍ଜାବୀ ଠିକାଦାର ପାଖରେ କୁଲିକାମ କରେ—ଡ୍ୟାମ ମାଟି ବୋହିବା, ମୂଲ ଝୁରୁ କମ, ନିଜ ପେଟ ପୋଷିବା ପାଇଁ ମଧ୍ୟ ଯଥେଷ୍ଟ ନୁହେଁ । ତେଣୁ ପ୍ରଥମେ ଟିକିଏ ଟିକିଏ ସଙ୍କୋଚ କରୁଥିଲେ ବି କ୍ରମେ ଗୋଲାପ ସିଂ ପଦ୍ମାବତୀ ଉପରେ ଖୋଲି ଖୋଲି

ଭାବରେ ନଜର ଦେଇଛି—ପଛକୁ ପଛକୁ ଲାଜ, ଡର ଭୟ ଗୁଡ଼ି ତା'ଆଡ଼େ ନରେଖି ଚାହିଁଛି—ଆଉ ସୁବିଧା ଦେଖି ପଦେ ଅଧେ କଥା ବି କହିବାକୁ ଭୁଲିନାହିଁ ।

ଛୋଟ ବଡ଼ ମୁଣ୍ଡିଆ ଓ କଣ୍ଟାବୁଦା ଭିତର ଦେଇ ଉଚ ଖାଲ ରାସ୍ତା—ମଟର ଗାଡ଼ି ଯିବାପାଇଁ ଚକ୍‌କଣ କଲା ହୋଇ ତିଆରି ହୋଇଛି । କଣ୍ଟାବୁଦା ଝଙ୍କାଡ଼ରେ କେଉଁଠି ଠାଏ ଠାଏ ଠିକା କୁଲିଙ୍କର ପଲ । କିନ୍ତୁ ମୋଟ ଉପରେ ରାସ୍ତା ନିରୋଳା । ଏଣିକି ପ୍ରତିଦିନ ଠିକା କୁଲିମାନେ କାମରୁ ଫେରିଲାବେଳକୁ ଗୋଲପ ସିଂ ବାଙ୍କ ପାଖ ମୁଣ୍ଡିଆ ଝଙ୍କାଡ଼ରେ କିଛି ନା କିଛି ବାହାନାରେ ଅପେକ୍ଷା କରି ରହୁଛି । ତା'ର ମତଲବ୍ ପଦ୍ମାବତୀକୁ ଅଛପା ନଥିଲେ ବି ସେ ସେଆଡ଼କୁ ବିଶେଷ ମନ ଦେଇନାହିଁ— ସାଙ୍ଗସାଥି କେହି ଏ କଥା ଉଠାଇଲେ "ସେ ମୋର କ'ଣ କରିବ ?" କହି କଥାଟାକୁ ବେଖାତିର କରି ଉଡ଼ାଇ ଦେଉଛି ।

ଶୀତଦିନ—କାମରୁ ଛୁଟି ହେଲାବେଳକୁ ଚାରିଆଡ଼ କୁହୁଡ଼ିଆ ହୋଇଯାଉଥାଏ । ସେଦିନ ପଦ୍ମାବତୀ କାମରୁ ଫେରୁଥାଏ ଏକା । ସବୁଦିନ ପରି ଆଜି ବି ମୁଣ୍ଡିଆ ପାଖରେ ଗୋଲପ ସିଂ—ଗୋଟାଏ ପଥର ଉପରେ ବସି ଅଧାପାଚିଲା ଦାଢ଼ିକୁ ଆଉଁସି ଚକ୍‌କଣ କରି କୁଞ୍ଚ କରୁଥାଏ । ପଗଡ଼ିଟା ଫିଟିପଡ଼ି ଚାଦର ଭଳି କାନ୍ଧ ଉପରେ ପଡ଼ିଥାଏ । ପଦ୍ମାବତୀକୁ ଦେଖି ସେ ଡାକିଲା, 'ପଦୁଆଁ ଉଭ' ।

ପଦ୍ମାବତୀ ଏ ବ୍ୟବହାରରେ ଅଭ୍ୟସ୍ତ । ପ୍ରତିଦିନ କେତେ ବିଦେଶୀଙ୍କ ସହିତ ଦେଖାହୁଏ—କିଏ କେତେ ଭଙ୍ଗିରେ ଚାହେଁ, କେତେ ଇଙ୍ଗିତ କରେ, ଭୁଲି ହୋଇ ସେଆଡ଼କୁ ନଜର ଦେଲେ କ'ଣ ଚଳିବ ? ସେ ଡାକଶୁଣି ଟିକିଏ ଠିଆ ହୋଇଗଲା ।

ଗୋଲାପ ସିଂ ଗମ୍ଭୀର କଣ୍ଠରେ କହିଲା, "ମଣିଷ ଆଉ କେତେଦିନ ଏମିତି ବସି ରହିବ ?"

ପଦ୍ମାବତୀ ବୁଝିଲା ଗୋଲାପ ସିଂ କ'ଣ କହୁଛି । ପ୍ରଶ୍ନର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ସ୍ପଷ୍ଟହେଲେ ବି ସେ ନ ବୁଝିଲା ଭଳି କହିଲା, "କାହିଁ ବସୁଚ ଯେ !"

"ବୁଝେଇ ଦଉଚି ।" କହି ଗୋଲାପ ସିଂ ପଦ୍ମାବତୀ ଆଡ଼କୁ ଉଠୁକି ଆସିଲା ।

ପଦ୍ମାବତୀ ପଛକୁ ଘୁଞ୍ଚିଗଲା । ସେହିଁ ଦେଖିଲା ଗୋଲାପ ସିଂର ଆଖି ନାଲି, ଅଳ୍ପ ଆଗରୁ ମଦ ପିଇଛି ବୋଧହୁଏ । ମନ ତା'ର ଗୋଟାଏ ଅଜଣା ଭୟରେ ଥରିଗଲା । ସେ ଭାବିଲା ଆସ୍ତେ ସେଠାରୁ ଖସିଯାଇ ପାରିଲେ ରକ୍ଷା । କିନ୍ତୁ ସେ ଖସିଯିବାର କୌଣସି ବାଟ ଠିକ୍ କରିବା ପୂର୍ବରୁ ଗୋଲାପ ସିଂ ତା'କୁ ଯାବୋଡ଼ି ଧରି ପକାଇଲା । ହଠାତ୍ ପଦ୍ମାବତୀ ପାଟିରୁ ଗୋଟାଏ ବିକଟ ଚିତ୍କାର ବାହାରି ଆସିଲା ।

ଚିତ୍କାରର ପ୍ରତିଧ୍ୱନି ପରି ବି ସାହାଯ୍ୟ ଆସି ପହୁଞ୍ଚିଲା । କ୍ଷଣକ ଭିତରେ ସ୍ଥାନଟି ଲୋକପୂର୍ଣ୍ଣ ହୋଇଗଲା । ଗୋଲାପ ସିଂ ବନ୍ଧାହେଲା, ମାଡ଼ ଖାଇଲା କିନ୍ତୁ ସେ ସବୁ କ୍ଷଣକ ପାଇଁ । ବଡ଼ ବଡ଼ ଇଞ୍ଜିନିୟର ଓ ଠିକାଦାରମାନେ ଆସି ଭଡ଼ଭାଙ୍ଗି ତା'କୁ ମୁକୁଳାଇ ନେଇଗଲେ । କେଶ୍ ବି ପୋଲିସ ହାତକୁ ଗଲାନାହିଁ ।

ଗୋଲାପ ସିଂ ତା'ର ମିସ୍ତ୍ରୀକାମ ଯେମିତି କରୁଥିଲା ସେମିତି କଲା, କିନ୍ତୁ ପଦ୍ମାବତୀକୁ ଘର ଛାଡ଼ିବାକୁ ପଡ଼ିଲା, ଏ ଘଟଣା ନାନାପ୍ରକାର ବିକୃତ ହୋଇ ଗାଁରେ ପ୍ରଚାର ହେବା ଫଳରେ ।

ତା'କୁ ଘରୁ ତଡ଼ିଦେବା ସମୟରେ ତା'ର ଭାଇ କହିଲା, "ଆମେ କ'ଣ ଆଉ ତୋ'ଲାଗି ବାଛନ୍ଦ ହବୁ ?"

ଘରୁ ବାହାରି କ'ଣ କରିବ, କେଉଁଆଡ଼େ ଯିବ ସେ ସ୍ଥିର କରି ପାରିଲା ନାହିଁ । ପେଟ ସିନା କାମକରି ପୋଷିବ, ରହିବ କେଉଁଠି ?

ତା ଆଖି ଆଗରେ ପାଖ ଗାଁର ଝିଅ ଦୁଇଟିଙ୍କର କଥା ଖାଲି ଦିଶିଲା । ସେମାନେ ନିଜ ଇଚ୍ଛାରେ ହେଉ ବା ତା'ରଭଳି ବାଧ୍ୟ ହୋଇ ଘର ଛାଡ଼ିଥିଲେ । ବର୍ତ୍ତମାନ ସେମାନେ ହୀରାକୁଦ ବସ୍ତିରେ ଅଛନ୍ତି ପଞ୍ଜାବୀଙ୍କ ସାଙ୍ଗରେ । ତାଙ୍କର ପିଲାଛୁଆ । ସମାଜରେ ମିଶୁ ନ ଥିଲେ ବି ସେମାନଙ୍କ ଅବସ୍ଥା ଭଲ—ବେଶ-ପୋଷାକ ଚାଲିଚଳନରେ କଡ଼ଲେଇ ଫୁଟି ଉଠୁଛି । ଚାହିଁଲେ ସେମାନେ ଆଉ ଜଣେ ଦୁଇଜଣକୁ କାମ ଦେଇ ପାରୁଛନ୍ତି, ଯାହା ଉପରେ ରାଗ ହେଉଛି ତାକୁ କାମରୁ ବାହାର କରି ଦେଇ ପାରୁଛନ୍ତି । ତାଙ୍କ ପାଖରେ ସେ ଗାଁର ଲୋକେ ହୀନ, ଦରିଦ୍ର, ନଗଣ୍ୟ ।

ପଦ୍ମାବତୀ ନିଜ ମନକୁ ବୁଝାଇବାକୁ ଚେଷ୍ଟା କଲା, କିନ୍ତୁ ଅନିଶ୍ଚିତ ଭବିଷ୍ୟତ ଆଶଙ୍କାରେ ଛାତି ଭିତର ତା'ର ବାରମ୍ବାର ଥରି ଉଠୁଥାଏ ।

ଶେଷରେ ତାକୁ ଠିକାଦାର ପାଖରେ ସବୁକଥା କହି ସାହାଯ୍ୟ ମାଗିବାକୁ ପଡ଼ିଲା । ଠିକାଦାର ପଚାରିଲା,

"ମୁଁ କଣ କରିବି କହୁଚୁ ?"
"ମୁଁ ରହିବି କେମିତି ?"

"ଗୋଲାପ ସିଂ କ'ଣ ତୋତେ ରଖିବାକୁ ରାଜିହେବ ? ତୁ ରାଜି ତ ?"

ଇଚ୍ଛା ଅନିଚ୍ଛାର ଦ୍ୱନ୍ଦ୍ୱ ଯୁଦ୍ଧ ଭିତରେ ପଦ୍ମାବତୀକୁ ଗୋଲାପ ସିଂ ସହିତ ଘର କରିବାକୁ ପଡ଼ିଲା । ହୀରାକୁଦରେ ଗୋଳମାଳର ଆଶଙ୍କା ଦେଖି ଗୋଲାପ ସିଂ ନିଜେ ଚିପିଲିମା ବସ୍ତିକୁ ବଦଳି ହେବାକୁ ଦରଖାସ୍ତ କରି ବଦଳି ହୋଇଗଲା ।

ଚିପିଲିମା—ସେଠି ପଦ୍ମାବତୀ ଏକୁଟିଆ ହୋଇ ରହିଲା ନାହିଁ । ପାଇପଡ଼ିଶାରେ ତାର ପରି ଆଉ ଦୁଇଟି ଓଡ଼ିଆଘରୁ ଝିଅ ମିରଯୁମ ଓ ସୁଧା ସିଂ ଘରେ ରହନ୍ତି—ତାଙ୍କ ସାଙ୍ଗରେ ସାଥୀ ହୋଇ ତାର ବେଳ ସୁଖଦୁଃଖରେ କଟିଗଲା ।

ଚିପିଲିମା ଯିବାର ପ୍ରାୟ ସପ୍ତାହକ ପରେ—ମିରଯୁମ ସିଂ ଘରର ଭଲା ଖରାବେଳେ ପଦ୍ମାବତୀ ଘରକୁ ବୁଲି ଆସି ସୁଧାକୁ ସେମାନଙ୍କ ସାଙ୍ଗେ ସାବିତ୍ରୀକୁ ପୂର୍ବଦିନ ରାତିରେ ଭମ୍ପୁଙ୍କର ମାଡ଼ ଦେବା କଥା କହିଲା । ଦୁହେଁ ସାଙ୍ଗ ହୋଇ ଗଲେ ସାବିତ୍ରୀକୁ ଦେଖିବାକୁ । ଦେହର ସବୁଆଡ଼େ ପ୍ରହାରର ଚିହ୍ନ—ଆଖିପତା ଫାଟି ରକ୍ତର ଜମାଟ ବାନ୍ଧିଯାଇଛି । ଦେଖି ପଦ୍ମାବତୀ ସ୍ତବ୍ଧ ହୋଇ ପଡ଼ିଲା । ଭଲା କହିଲା, "ସମସ୍ତଙ୍କ ଭାଗ୍ୟରେ ଏମିତି ଅଛି ଲେ । ଆଜି ତାର ହେଲଣି, କାଲି ମୋର, ତା'ପରେ ତୋର ।"

ସତକୁ ସତ ସପ୍ତାହ ପାର ନ ହେଉଣୁ ଗୋଲାପ ସିଂ ରାତିରେ ମଦ ଖାଇ ପଦ୍ମାବତୀକୁ ବାଡ଼େଇବା ଆରମ୍ଭ କରିଦେଲା । ସେ ନୀରବରେ ଭାଗ୍ୟକୁ ଆଦରି ସହିଗଲା ।

ପଦ୍ମାବତୀ ଲକ୍ଷ୍ୟ କରେ ଉଲ । ଆଉ ସାବଣୀ ଛଡ଼ା ସେ ବସ୍ତିରେ ଆଉ ଯେତେ ସ୍ତ୍ରୀ ଲୋକ ଅଛନ୍ତି, ସମସ୍ତେ ତାକୁ ଏଡ଼ାଇ ଚଳନ୍ତି, ଯେମିତି ସେ ମଣିଷ ନୁହେଁ । ସେ ବସ୍ତିର ସ୍ତ୍ରୀ ଲୋକମାନଙ୍କ ଭିତରୁ ଅଧିକାଂଶ ପଞ୍ଜାବୀ—ଯେଉଁମାନେ ଦିନରେ କାମ କରିବାକୁ ଆସନ୍ତି ସେମାନେ ଓଡ଼ିଆ ହୋଇଥିଲେ ବି ପଦ୍ମାବତୀକୁ ଦେଖି ମୁହଁ ବୁଲାଇ ନିଅନ୍ତି—ଲାଜରେ ସେ ବି ସେମାନଙ୍କ ସହିତ କଥା ଭାଷା କରିପାରେ ନାହିଁ । ବିଶେଷ ଭାବରେ ପଞ୍ଜାବୀ ସ୍ତ୍ରୀ ଲୋକମାନଙ୍କର ତାଚ୍ଛଲ୍ୟ ତା' ପ୍ରାଣକୁ ଆଘାତ କରେ । ନିଜ ଉପରେ ରାଗେ ସେ—କେଳେ କେଳେ ଇଚ୍ଛାହୁଏ ଉଲ ଭଳି କେତେକ ଓଡ଼ିଆ କୁଲିଙ୍କୁ ନିଜର ପ୍ରତିପତ୍ତି ଦେଖାଇବାକୁ କାମରୁ ବାହାର କରିଦେବ—କିନ୍ତୁ କାହିଁକି କେଜାଣି ସେ ଗୋଲାପ ସିଂକୁ ସେଭଳି ଅନୁରୋଧ କରିପାରେ ନାହିଁ ।

ଏଥି ଭିତରେ ୨।୩ ବର୍ଷ ବିତିଯାଇଛି । ଉଲ ଓ ସାବଣୀଙ୍କ ଭଳି ପଦ୍ମାବତୀ ବି ଦୁଇଟି ପିଲାର ମା' । ଶାଢ଼ୀ ଜାଗାରେ ସାଲୱାର୍ ଓ ଓଡ଼ିଆ ଜାଗାରେ ଭଙ୍ଗା ଭଙ୍ଗା ପଞ୍ଜାବୀଭାଷା ତା'ର ଅଭ୍ୟାସରେ ପଡ଼ିଯାଇଛି । ପିଲାମାନେ ବି, ଅଧା ଭଙ୍ଗା ପଞ୍ଜାବୀ କହି ମୁଣ୍ଡ ପଛରେ ଚୁଟିବାନ୍ଧି ବୁଲୁଛନ୍ତି । ତାର ମନେ ମନେ ଜୀବନଟା ଗୋଟାଏ ଧାରାରେ ପଡ଼ିଯାଇଛି—ଆଉ ସେଇଧାରାହିଁ ତା'ର ଜୀବନର ଚରମ ପରିଣତି ।

କିନ୍ତୁ ଦିନେ ସେ ଧାରଣାରେ ତା'ର ଆଘାତ ପଡ଼ିଲା—

ସେ ଦିନ ମିଲ୍ଖାମ ସିଂ ଉଲକୁ ଖୁବ୍ ମାଡ଼ ଦେଇଥାଏ—ଉଲ ଶେଯରେ ପଡ଼ିଥାଏ—ତା ପିଲା ୩ଟା ଶେଯ ପାଖରେ ଲୋ,

'ଭେ ଭେ' ହୋଇଉଡ଼ୁ ସ୍ଥାଡ଼ୁ ଥାଆନ୍ତି—ଖବର ପାଇ ପଦ୍ମାବତୀ ଦେଖି-ବାକୁ ଗଲା । ପଚ୍ଛର ବୁଝିଲା, ଉଲା ମାଡ଼ ଖାଇଛି, ନିଶା ଜୋରରେ ନୁହେଁ—ସେ ଇଉନିୟନ କର୍ମୀଙ୍କ ସହିତ ଚେଡ଼ିଆରେ କଥାଭାଷା ହେବାଯୋଗୁଁ ମିଲସ୍ଥମର ଇଙ୍ଗିତରେ କୁଆଡ଼େ ଆଘାତ ଲାଗିଲା । ତେଣୁ ଉଲାର ଏ ଦଣ୍ଡ । ପଦ୍ମାବତୀ ଘରକୁ ଫେରିଲା—ମନେ ମନେ ଉଲା ଭଳି ଭୁଲ ନକରିବାକୁ ଶିକ୍ଷା ପାଇ । ସେହିଦିନ ରାତିରେ ଗୋଲାପ ସିଂ ପଦ୍ମାବତୀକୁ ଧମକ ଦେଇ କହିଲା "ଯଦି ଏଠା ଲୋକଙ୍କ ସହିତ ସଂସ୍ରବ ରଖିବୁ ତେବେ ଠିକ୍ ତା' ଭଳି ଦଶା ହବ ।" ସ୍ୱର ରୁକ୍ଷ ଆଉ କଡ଼ୁ ଦୂରକୁ ଶୁଭିଲା ଭଳି । ପଦ୍ମାବତୀ ଶୁଣିଲା ପାଖ ଘରର ଉମ୍ମେଦ ବିବି କହୁଚି, "ଆବର୍ଜନାର ଆଣିଲେ ଗନ୍ଧ ପିବ କୁଆଡ଼େ ?"

ଲଜ୍ଜା ଅପମାନରେ ପଦ୍ମାବତୀ ମରିଗଲା । ସେ କ'ଣ ଏଠାକୁ ଆସିବାକୁ ଚାହିଁଥିଲା ? କିନ୍ତୁ ଫେରି ପଛକଥା ମନେ କରିବାକୁ ତାର ଆଉ ଡର ନ ଥିଲା । ପିଲା ଦୁଇଟି ତା'ର ଗୋଲାପସିଂ ସହିତ ସମ୍ପର୍କକୁ କ୍ରମେ ନିବିଡ଼ କରି ଦେଉଥିଲେ—ସେ ତା'କୁ ନୀତିଦାସୀ, ପୁତ୍ରଳକା ବା ଆଉ ଯେ କୌଣସି ଦୃଷ୍ଟିରେ ଦେଖ ନାଁ କାହିଁକି !

ଖବର ଆସିଲା ଚପି-ଲମା କାମ ବନ୍ଦ ହୋଇଯିବ—ଆଉ ସେଠାରେ ଯେଉଁମାନେ କାମ କରୁଛନ୍ତି ସେମାନେ ଛଟେଇ ହେବେ । ତା'ପରଠୁଁ ପଦ୍ମାବତୀ ଦେଖିଲା ଗୋଲାପ ସିଂ ପ୍ରତିଦିନ ରାତିରେ ମ୍ୟିସକ୍ଲବ ଯାଉଛି, କହୁନ ରାତିରେ ଫେରି ତା'ଉପରେ ରାଗୁଛି, ଅନେକ ସମୟରେ ମାଡ଼ ମଧ୍ୟ ଦେଉଛି । ଦିନେ ସେ ସାହସ କରି ପଚାରିଲା, "କ'ଣ ଚିଟିଲମା କାମ ବନ୍ଦ ହୋଇ ଯାଉଛି ?"

"ତୋର କଣ ଗଲା ?"

"ନାଁ ପଚାରୁଥିଲି ।"

"ମିଶ୍ରପୁର ଓ ଭଦ୍ଧୀ ସେମାନଙ୍କ ଛାପ ଦିଅ—ମୋ ବନ୍ଦୋବସ୍ତ ମୁଁ କରି ନେବି ଯେ—ହାସିକୁଦରେ ।

ସତକୁ ସତ ଦିନେ ଦି'ଦିନ ପରେ ମିଶ୍ରପୁର ଓ ଭୁଧ୍ୱା ପୁଡ଼ା ପଦ ବାନ୍ଧି ଉଲ୍ଲ, ସାବିତ୍ରୀ ଓ ପିଲାଙ୍କୁ ଛାଡ଼ି ପଞ୍ଜାବ ଚାଲିଗଲେ । ପଦ୍ମାବତୀ ସେମାନଙ୍କ ଦୁଃଖ ସହି ପାରିଲା ନାହିଁ—ସମବେଦନାରେ କାନ୍ଦି ପକାଇଲା । ଅଳ୍ପ କେତେଦିନ ପରେ, ଉଲ୍ଲକୁ ଓ ସାବିତ୍ରୀକୁ ବସ୍ତିର ଘର ଛାଡ଼ିବାକୁ ପଡ଼ିଲା—ଯିବେ କୁଆଡ଼େ ? ପଦ୍ମାବତୀ ସେମାନଙ୍କୁ ବସାରେ ଆଶ୍ରୟ ଦେବାକୁ ଗୋଲାପସିଂର ଅନୁମତି ଚାହିଁଥିଲା, କିନ୍ତୁ ଉତ୍ତର ପାଇଲା,

'ସେ କଥା ହୋଇ ପାରିବ ନାହିଁ—ସେମାନେ ଚାଲିଗଲା ପରେ ଏମାନେ ଆଉ କଏ—ଦେଖ୍ ତାଙ୍କ ସାଙ୍ଗରେ ମିଶିବା ହୋଇ ପାରିବନି ।'

ସାବିତ୍ରୀ ତା' ପିଲାଟିକୁ ଧରି ହାସିକୁଦ ଚାଲିଗଲା ମୂଲ ଲାଗିବାକୁ । କିନ୍ତୁ ଉଲ୍ଲ ଚପିଲମାର ଚାରିଆଡ଼େ ଘୁରି ବୁଲିଲା—ତିନୋଟି ପିଲାଙ୍କୁ ସାଙ୍ଗରେ ଧରି । ଗୋଲାପ ସିଂ ନଥିଲାବେଳେ ପଦ୍ମାବତୀ ତାକୁ ଘରକୁ ଡାକେ, ସାନ୍ତ୍ୱନା ଦିଏ ଆଉ କେବେ କେବେ ସାହାଯ୍ୟ ବି କରେ ।

ଆଜି ଉଲ୍ଲଠାରୁ ତା'ର ବିଷାକ୍ତ ଅଭିଜ୍ଞତା ଶୁଣେ—ଶୁଣେ କି ଉଲ୍ଲ ସେମାନଙ୍କ ଭଳି ଅନେକ ଦରିଦ୍ର ଝିଅ ଚପିଲମା, ବୁର୍ଲା, ଓ ହାସିକୁଦ ପଞ୍ଜାବୀ କ୍ୱାର୍ଟର୍ସରେ ଅଛନ୍ତି । ସେମାନଙ୍କ ଅବସ୍ଥା

ସବୁ ଏକ୍ସଭଳି—କଏ ବା ରାସ୍ତାରେ ଠିଆ ହେଲାଣି, କଏ ବା ହେବ । ଉଳି କହେ, ପଞ୍ଜାବୀଙ୍କ ହାଲ ଖରାପ—କଏ ଜଣେ କୁଆଡ଼େ ନୂଆ ବାବୁ ଆସିଛ ଯେ ସେ ଆଉ ପଞ୍ଜାବୀଙ୍କୁ କାମରେ ରଖୁନାହିଁ—ଦେଖ, ଗୋଲାପ ସିଂ ଅବସ୍ଥା ବି ସେମିତି ହେପ, ପଦ୍ମାବତୀ ଭିତରେ ବିଦ୍ରୋହ କରି ଉଠିଲେବି ଉଳିକୁ କିଛି ନ କହି ବିଦାୟ କରିଦେଲା ।

ସେ ଦିନ ରାତିରେ ଗୋଲାପ ସିଂ ଘରକୁ ଫେରିଲା ନାହିଁ । ଆଶଙ୍କା ଆଉ ଉତ୍କଣ୍ଠାରେ ପଦ୍ମାବତୀ ରାତିଟାଯାକ କଟାଇଲା—ହଜାରୁ ପାଖ ଆଖରେ ଖବର ନେଲା—ବୁଝିଲା ଗୋଲାପ ସିଂର କାମ ଛୁଟି ହୋଇ ଯାଇଛି—ସେ ଚେଷ୍ଟା କରୁଛି ଆଉ ଗୋଟାଏ କାମ ପାଇଁ ।

ଦିନେ, ଦି'ଦିନ, ତିନିଦିନ ବିତିଗଲା—ତଥାପି ଗୋଲାପ-ସିଂର ଦେଖା ନାହିଁ ।

ସନ୍ଧ୍ୟାବେଳେ ଉଳି ଆସିଲା, କହିଲା, ମୋ କଥା ସତ ହେଲାକି ! ଗୋଲାପ ସିଂ ସିଆଡ଼େ ଲୁଚିଛି ।

ତା'ପରଦିନଠୁ ପଦ୍ମାବତୀ ଗୋଲାପ ସିଂକୁ ଖୋଜିବାକୁ ବାହାରେ, ରାସ୍ତାଘାଟ, ବନ୍ଧ, ପାହାଡ଼ ସବୁଆଡ଼େ ଖୋଜେ, ଗୋଟିଏ ପିଲା କାଖରେ ଆଉ ଗୋଟିଏ ପିଲା ଧୀରେ ଧୀରେ ପାଖରେ ଚଲାଇ । କିନ୍ତୁ ଗୋଲାପ ସିଂର ଦେଖା ପାଏନା—ସନ୍ଧ୍ୟାବେଳକୁ ବସାକୁ ଫେରି ଆସେ ।

ଘରୁ ଖାଦ୍ୟ ସରିଲା—କେତେଦିନ ଆଉ ଅପେକ୍ଷା କରିବ ସେ - ବଜାରରୁ ଧାର ମିଳିବା ଅସମ୍ଭବ । ଖୁବ୍ ଦମ୍ଭରେ ମାଙ୍କ

ଖାଇବା ଡର ସତ୍ତ୍ୱେ ବ ସେ ଗୋଲାପ ସିଂ ବାକ୍ସର ତାଲା ଭାଙ୍ଗି ପକାଇଲା—

ବାକ୍ସ ଭିତରେ ୨।୩ଟା ପୁରୁଣା ପଗଡ଼ି ଛଡ଼ା ଆଉ କିଛି ନଥିଲା । ସେ ଦେଖିଛି ଏ ବାକ୍ସରେ ଗୋଲାପ ସିଂ କେତେ ନୋଟ ରଖିଛି—ତାପାଇଁ କରିଥିବା ଅଳଙ୍କାର ସବୁ ବ ଏହି ବାକ୍ସରେ ରଖାଯାଇଥିଲା ତ ।

ସେ ବୁଝିଲା ଗୋଲାପ ସିଂ ତା' ସହିତ ବିଶ୍ୱାସଘାତକତା କରି ଲୁଚି ପଳାଇ ଯାଇଛି—ସେ ଯାହା ହେଉ ମିରଯୁମ ଆଉ ଉଧ୍ୱା ସିଂଙ୍କ ଭଳି ନିଷ୍ଠୁର ହୋଇ ଯାଇ ପାରିନାହିଁ ।

ତା'ର ପରଦିନ ସକାଳୁ ତା'କୁ ବସା ଛାଡ଼ିବାକୁ ପଡ଼ିଲା—ଉଲ ସାଙ୍ଗରେ ସାଙ୍ଗ ହୋଇ ସେ ପୁଣି ଚାଲିଲା ଠିକାଦାର ପାଖରେ କାମ କରି ପିଲାଙ୍କୁ ପୋଷିବାକୁ । ଶପେଲମାର ବସାଘର ଭିତରେ ତା'ର ସାଲୱାର ଆଉ କୃତିମ ପଞ୍ଜାବୀ ଅଭିମାନ ଅତୀତ ଜୀବନର ଗୋଟାଏ ଦୁଃସ୍ୱପ୍ନ ଭଳି ଛିଡ଼ି ପଡ଼ିଲା ।

# କପୋତ କପୋତୀ

—ଯତୀନ୍ଦ୍ର କୁମାର ଦାସ

ଶତପୁଷ୍ପ ଫିଲ୍‌ମସର ଅଭ୍ରଙ୍କଷ ଦ୍ୱିତଳ ପ୍ରାସାଦ । ଟିଉବ ଲାଇଟରେ ଲେଖାଯାଇଛି—'ଶତପୁଷ୍ପ ଫିଲ୍‌ମସ' । ଗେଟ୍‌ରେ ଗୁର୍ଖା ଦରୱାନ ମାର୍ଚ୍ଚିଂ କରିବାରେ ଲାଗିଛି, ଲେଫ୍‌ଟ, ରାଇଟ୍ ଲେଫ୍‌ଟ । ଗୋଟାଏ କାର୍ ବିଦ୍ୟୁତ ବେଗରେ ଚାଲିଗଲା ।

ଚରିତ୍ରହୀନ ? କିଏ ଆଜି ଚରିତ୍ରବାନ ତା ହେଲେ ? କଙ୍କାଳ ସର୍ବସ୍ୱ ସମର ରାଏ ? ଚରିତ୍ରକୁ ନେଇ ପୂଜା କର, ଆରାଧାନ କର ତେବେ, ଆନନ୍ଦ ମିଳିବ ତମକୁ । ଶ୍ରୀମାନ ସମର ରାଏ ବେଶ ଭଦ୍ର ଲୋକ ଏକା । ତା ନ ହେଲେ ଚରିତ୍ର ବିଷୟରେ ଉପଦେଶ ଦେବ କିଏ ? ଫୁଲ୍ , ରାସ୍କେଲ, ନନସେନସ, ଏଇ ମୁହୂର୍ତ୍ତରେ ଯଦି ପାଆନ୍ତା, ରିଭଲଭର୍‌ର ଗୋଟାଏ ଗୁଳିରେ ଉଡ଼ାଇ ଦିଅନ୍ତା ସେଇ ପୈଶାଚିକ ହସକୁ ।

ସହରର ପ୍ରଧାନ ରାଜପଥ । ନାନା ବର୍ଣ୍ଣର ଓ ନାନା ପ୍ରକାରର ଜନତା ଆଗେଇ ଚାଲିଚନ୍ତି କ୍ଷିପ୍ର ଗତିରେ । ପାଖ ହୋଟେଲରୁ ବାହାରି ଆସୁଚନ୍ତି ଦଳ ଦଳ ହୋଇ ଲୋକ, ଏଇ

ସନ୍ଧ୍ୟାବେଳେ ଗୋଟାଏ ପୂରା ଫାଉଲ୍ କରି ଖାଇବାକୁ ଭାରି ଇଚ୍ଛାହୁଏ । ତା ସଙ୍ଗେ ସଙ୍ଗେ କେତେଟା ମାର୍କୋଭିଚ ସିଗାରେଟ ।

ଦିନସାରା ଦୁରି ବୁଲିବା ଫଳରେ ଦେହ କ୍ଲାନ୍ତିରେ ଭାଙ୍ଗି ପଡ଼ୁଚି ଯେମିତି । ଏମିତି ଏକ ମୁହୂର୍ତ୍ତରେ ଦରକାର ଟମସାର ସାନ୍ନିଧ୍ୟ । ତାର ସ୍ପର୍ଶରେ ଦେହର ସମସ୍ତ ବେଦନା, ଆଉ ମନର ସମସ୍ତ ଅବସାଦ ଉଭାଇଯାଏ ଗୋଟାଏ ମୁହୂର୍ତ୍ତରେ !

'ସା'ର୍ ନମସ୍କା'ର !'

ବୃଦ୍ଧ ଅଧ୍ୟାପକ ବୀରେନ୍ଦ୍ର ସାମଲ । ଦେହରେ ସେଇ ଜୀର୍ଣ୍ଣ ଉଲର କୋଟ । ଦୁଇ ଓଠର ମଝିରେ ପାଇପଟା । ନୀଳ ଧୂମ୍ର କୁଣ୍ଡଳୀକାରରେ ଧୀରେ ଧୀରେ ମିଳାଇ ଯାଉଚି ।

'ସାର୍ ନମସ୍କାର !'

ଉତ୍ତର ନାହିଁ । ସ୍ଥିର ଅର୍ଥହୀନ ଦୃଷ୍ଟିରେ ଅନାଇଚନ୍ତି ଅଧ୍ୟାପକ । ଆଖିରେ କେମିତି ଏକ ନିର୍ବୋଧ ଶୂନ୍ୟତା । ସମ୍ମୁଖ ରେସ୍ତୋରାଁ ଆଡ଼କୁ ସେମିତି ପଲକହୀନ ଆଖିରେ ଚାହିଁ ରହିଛନ୍ତି ।

'ସାର୍ ଯାଉଚି ।'

ଶିଶିର ନମସ୍କାର କରି ଆଗେଇଲା ।

ଫେରିବାଲା ଚିତ୍କାର କରୁଛନ୍ତି । ରେଡ଼ିଓଗୁଡ଼ାକ ସ୍ଥାନୀୟ ବେତାର କେନ୍ଦ୍ରର କାର୍ଯ୍ୟକ୍ରମ ପ୍ରଚାର କରିବାରେ ଲାଗିଛନ୍ତି । ବିଚିତ୍ର ଏଇ ଜନସ୍ରୋତ ! ଇଭିନିଂ-ଇନ୍ ପ୍ୟାରିସ୍ର ମନମତା ଗନ୍ଧ, ଇଉ-ଡି କୋଲନର ଅପୂର୍ବ ବାସନା, ସନ୍ଧ୍ୟା ସମୀରଣକୁ ଉନ୍ମତ୍ତ କରୁଚି ।

ତମସାକୁ ସବୁଜ ରଙ୍ଗର ଭି-ନେକ୍‌-କଟା ବ୍ଲାଉଜ ସଙ୍ଗେ ନୀଳ ରଙ୍ଗର ଶାଢ଼ୀଟା ଚମତ୍କାର ମାନେ । ଅନାବୃତ ଶୁଭ୍ର ଗ୍ରୀବା ଆଖିକୁ ସ୍ନିଗ୍‌ଧ ଜଣାପଡ଼େ । କଳା ଭ୍ରୂ ତଳେ ଦି'ଓଟି ଢଳ ଢଳ ଆଖି, ମନ ମଧ୍ୟରେ ଖିର ପରି ଗଳିଯାଏ । ହେମ ଗୌର ସୁଗୋଲ ବାହୁ ଦ୍ୱୟରେ ଚିରଦିନ ବାନ୍ଧି ହୋଇ ରହିବା ପାଇଁ ଇଚ୍ଛାହୁଏ । ତମସାବୃତ ରଜନୀ ପରି ଅଳକରେ ମୁଖ ଲୁଚାଇ ଦୁନିଆର ଅପମାନ, ପୃଥିବୀର ନିର୍ଯାତନା ଭୁଲିହୁଏ ।

'ଆରେ ଶିଶିର ଯେ !'

'ନମସ୍କାର ଭାଇ ।'

'ବର୍ତ୍ତମାନ କେଉଁଠି ?'

'ଏଇତ ଦେଖୁଚ୍‌ ।' ଶିଶିର ଉତ୍ତର ଦେଲା ।

'ଆଚ୍ଛା, ଆ । ନରେନ୍ଦ୍ର କହିଲା ।

ଦୁହେଁ ଯାଇ ଉଠିଲେ ଗ୍ରେଟ ଇଷ୍ଟର୍ଣ୍ଣ ରେଷ୍ଟୋରାଁରେ ।

'ଦୁଇ କପ ଚା ।'

ବୟ ଚାଲିଗଲା । ନରେନ୍ଦ୍ର ପଚାରିଲା, 'କେମିତି ଅଛୁ ଆଜିକାଲି ?'

ସେ ଅନେକ ଦିନର କଥା । ନରେନ୍ଦ୍ର ଲେଖିଥିଲା, ତୋ ଠାରୁ ଉତ୍ତର ପାଇବାକୁ ଆଶା ରଖିନାହିଁ । କାରଣ ଆଶାକଲେ ନିରାଶ ହେବାକୁ ପଡ଼େ । ତା'ପରେ ଉତ୍ତର ନ ପାଇ ସେ ଆଉ ଚିଠି ଦେଇ ନାହିଁ । ନରେନ୍ଦ୍ରର ସ୍ୱାସ୍ଥ୍ୟ ମଧ୍ୟରେ ଅନେକ ପରିବର୍ତ୍ତନ ହୋଇଗଲାଣି । ସ୍କାଇ-ବ୍ଲୁର ହାଓ୍ୱାଇଟା ବେଶ୍ ମାନୁଚି । ମୁଣ୍ଡରେ ଫେଲ୍‌ଟ କ୍ୟାପଟା ନୂଆ କିଣିଥିବ । ମଣିବନ୍ଧରେ

ସେଣ୍ଟର ସେକେଣ୍ଡ ଇଷ୍ଟଓ୍ୟାଚ । ଓମେଗା ନ ହେଲେ ଟିସଟ ।
ଆଖି ଦୁଇଟା କେମିତି ଅର୍ଥବ୍ୟଞ୍ଜକ ହୋଇପଡ଼ୁଚି । ନରେନ୍ଦ୍ର
କଣ ପ୍ରେମରେ ପଡ଼ୁଚି ?

ବୟ୍ ଦୁଇ କପ୍ ଚା ଆଣି ଥୋଇ ଦେଇଗଲା ।

ନରେନ୍ଦ୍ର କହିଲା, ଚାକରୀ କର ଭାଇ, ବେକାର ଜୀବନ
ବଡ଼ ଅସହ୍ୟ ।'

ଉପଦେଶ ଶୁଣି ଶୁଣି, ଆଉ ଉପଦେଶ ଶୁଣିବା
ପାଇଁ ଧୈର୍ଯ୍ୟ ନାହିଁ । ତଥାପି ଉପଦେଶ ସଙ୍ଗେ କପେ ଚା'
ମିଳିଲେ, ଉପଦେଶ ଶୁଣିବାକୁ ମନ୍ଦ ଲାଗେ ନାହିଁ । ନରେନ୍ଦ୍ରର
ଏଇ ବୁଦ୍ଧି ବାସ୍ତବିକ ପ୍ରଶଂସନୀୟ ।

ଶିଶିର ଚା' କପଟି ଓଠରେ ଲଗାଇଲା । ଗ୍ରେଟ ଇଷ୍ଟର୍ଣ୍ଣର
ଚା' ଚମତ୍କାର ।

'କେମିତି ଅଛି ତମ ହେମ ?'

ନରେନ୍ଦ୍ର ହସିଲା, କହିଲା, 'ବାହା ହୋଇ ସାରିଲାଣି ।'

'ତା ହେଲେ ଦାଢ଼ୀ ଛାଡ଼ିବାର ଉଦ୍‌ଯୋଗ କର ।'

ନରେନ୍ଦ୍ର ଚା' ଶେଷ କରି କପ ତଳେ ଥୋଇ ଦେଲା ।

ଦୁହେଁ ଚାଲି ଆସିଲେ ରାଜପଥ ଉପରକୁ ।

କ୍ୟାପଷ୍ଟେନ ସିଗାରେଟର ଏକ ବିରାଟ ଆଡ଼ଭରଟାଇଜ୍-
ମେଣ୍ଟ, ଶୁଭ୍ର ନୀଳ ରଙ୍ଗର ଫ୍ଲୋରେସେଣ୍ଟ ଲାଇଟ ।

ସମର ରାଏର ସେଇ ପୈଶାଚିକ ହସ ପ୍ରତିଧ୍ୱନି କରୁଚି···
ହିଃ···ହିଃ···ହିଃ···ଭୁଲିଯାଉଚ ବନ୍ଧୁ, ଏଇଟା ସମର ରାଏର
ଘର । ବନ୍ଧୁତାର ସୁଯୋଗ ନେଇ—କମ ସାହସ ତ ନୁହଁ ତମର !

ନରେନ୍ଦ୍ର ବିଦାୟ ନେଲେ । ମାର୍ଚିଂ କଲପର ଚାଲୁଛି । ନରେନ୍ଦ୍ରର ସେଇ ନିରାଶାର ଉତ୍ତର, ଯାହା ହୋଇଛି ହେମ-ପ୍ରେମ-ନାଟ୍ୟର ଅବଶ୍ୟମ୍ଭାବୀ ପରିଣତି । ଆଉ କି ପ୍ରକାର ପରିଣତି ଆଶା କରିଥିଲେ ନରେନ୍ଦ୍ର ? ମିଶିଯାଉଛି ଜନତାର ସମୁଦ୍ରରେ, ହଜି ଯାଉଛି ଜନ-ସମୁଦ୍ରର ଉତ୍ତାଳ ବୀଚିମାଳାରେ ।

ଆଖି ଆଗରେ ନାଚି ଉଠୁଛନ୍ତି ବୃଦ୍ଧ ଅଧ୍ୟାପକ, ମୃତ୍ୟୁପଥିକ ବୀରେନ୍ଦ୍ର ସାମଲ । ଜୀବନର ଶେଷ ପାହାଚରେ ଠିଆ ହୋଇ ଅନେଇଛନ୍ତି ସେଇ ଅର୍ଥହୀନ ଆଖିରେ ! ବ୍ୟର୍ଥ ଜୀବନର ପୃଷ୍ଠା, ଓଲଟି ଯାଉଛି ପୃଷ୍ଠା ପରେ ପୃଷ୍ଠା । ସ୍ନିଗ୍ଧ ମଧୁର ମୂର୍ଚ୍ଛନାରେ କ୍ଷଣକ ପାଇଁ ଗୁଞ୍ଜରିଲା ଆଣେ । ତା ପରେ ସେଇ ସ୍ପନ୍ଦନହୀନ ଗୃହିଣୀ ! ବ୍ୟର୍ଥତା ଲାଗି ରହିଛି, ଜୀବନ ମାନେ ବ୍ୟର୍ଥତା !

ହାଃ—ହାଃ—ହାଃ, ମନେ ମନେ ହସି ଉଠିଲା ଶିଶିର, ଜୀବନକୁ ହତ୍ୟା କଲେ ଆନନ୍ଦ ଆସିବ କେଉଁଠୁ ? ବ୍ୟର୍ଥଜୀବନର ଇତିହାସ ଖୋଜିଲେ ମିଳିବ ଆଘାତ, ଅତୀତକୁ ଭାବିଲେ ଆସିବ ନିରାଶା ।

ଗୋଟାଏ ପେଗ୍ ସ୍କଚ୍ ହୁଇସ୍କି, ଅନ୍ତତଃ ଗୋଟାଏ ପେଗ୍ । ତା ପରେ ଏଇ ଥିର ଗମ୍ଭୀର ଆକାଶ ତଳେ ନିଦ୍ରା ଯିବାକୁ ବେଶ ଲାଗନ୍ତା । ଦିବସର କ୍ଲାନ୍ତି ପରେ, ହୁଇସ୍କି ସମସ୍ତ ଅଭାବ ପୂର୍ତ୍ତି କରେ ଅତି ଆଶ୍ଚର୍ଯ୍ୟ ଭାବରେ ।

ନର୍ତ୍ତକୀ କୃଷ୍ଣା ଅପେକ୍ଷା କରିଥିବ ତାର ପ୍ରାସାଦରେ । ନୃତ୍ୟଚପଳ ଦେହକୁ ସୋଫା ଉପରେ ଲେଟାଇ ଦେଇ ପ୍ରତୀକ୍ଷା କରିଥିବ । ଅଧ୍ୟାପକ ବୀରେନ୍ଦ୍ର ସାମଲ ! ଯଦି ତମେ ଆସନ୍ତ ଏଇ

କୃଷ୍ଣାର ହାତକୁ, ଆଜ ଆକଣ୍ଠ ପାନ କରନ୍ତ କୃଷ୍ଣା ଯୌବନ, ତାହେଲେ ହୁଏତ ଉଭାଇ ଯାଆନ୍ତା ତମର ବଞ୍ଚିତ ଜୀବନ। ଇତିହାସକୁ ଭୁଲିବାକୁ ହେଲେ ଦରକାର କୃଷ୍ଣା ଓ ତା ସଙ୍ଗେ ସଙ୍ଗେ ଏକ ପେଗ୍ ହୁଇସ୍କି ! ଅଉ କାଉଁ ଉପରେ ମୁହଁ ଦେଇ ଶୂନ୍ୟଦୃଷ୍ଟିରେ ଚାହିଁଲେ, ମିଳବ ବା କଣ ?

ସିନେମାର ଫାଷ୍ଟ ସୋ ଭାଙ୍ଗିଲା ବୋଧହୁଏ। ରାଜପଥ ଉପରେ ଅସୁମାର ଜନତା, ସାଇକେଲ ରିକ୍ସା, କାର ଅଉ ସାଇକେଲ। ଟିଂ ଟିଂ, କାଁଇ, କାଁଇ...ହେଡ଼୍ ଲାଇଟ୍‌ର ତୀବ୍ର ଆଲୋକ, ସାଁଏ, ଉଭାଇଗଲା ଗୋଟାଏ କାର। ପୁଣି ସେଇ ଜନସ୍ରୋତ। କେତେପ୍ରକାର ଗନ୍ଧ। ଜନତାର ଏ ପ୍ରଖର ସ୍ରୋତରେ ନିଶ୍ୱାସ ବନ୍ଦ ହୋଇ ଆସେ।

ଶିଶିର ପ୍ରଧାନ ରାଜପଥ ଛାଡ଼ି ଗୋଟାଏ ସଂକୀର୍ଣ୍ଣ ରାସ୍ତା ଧରିଲା।

ମ୍ୟୁନିସିପାଲିଟିର କରୋସିନ ଲ୍ୟାମ୍ପ୍‌ଗୁଡ଼ିକ ନିଷ୍ପନ୍ଦ ଭାବରେ ଜଳି ଚାଲିଚନ୍ତି। ଜୀବନର ଅର୍ଥ କଣ ବୁଝନ୍ତି ଏମାନେ ? କଣ ବା ବୁଝିବ ଶିକ୍ଷିତ ନରେନ୍ଦ୍ର ? ଆଉ କଣ ବା ବୁଝିଚନ୍ତି ସଂସାର ଯନ୍ତ୍ରାପଥର ଅଭିଜ୍ଞ ପଥିକ ବାରେନ୍ଦ୍ର ସାମଲ ? ଜୀବନ ମାନେ ନୁହେଁ ନଥର ଆଖିରେ ପୃଥିବୀକୁ ଚାହିଁବା। ଜୀବନର ଅର୍ଥ ହୋଇ ପାରେନା, ଅତୀତକୁ ଭାବି ଭାବି ଅକ୍ଷି ଅଶ୍ରୁସଜଳ କରିବା। ବୋକା, ଅତି ବୋକାର ଦଳ !

ଶିଶିର ଗୋଟାଏ ଲାଇଟ୍ ପୋଷ୍ଟ ପାଖରେ ଠିଆହୋଇ ସିଗାରେଟ୍‌ରେ ନିଆଁ ଲଗାଇଲା।

ସୁରମା ଠିକଣା ଜାଣିନାହିଁ, ଜାଣିଥିଲେ ଚିଠି ଲେଖି ବ୍ୟସ୍ତ କରନ୍ତାଣି । ସୁରମା,—ପଲ୍ଲୀବଧୂ, ଅଶିକ୍ଷିତା, ହୃଦୟ-ସର୍ବସ୍ୱ ସୁରମା ! ପ୍ରଥମେ ପ୍ରଥମେ ଖଣ୍ଡେ ଖଣ୍ଡେ ଚିଠି ଦେଉଥିଲା । କିନ୍ତୁ ଏଣିକି ଆଉ ଚିଠି ଆସୁନାହିଁ । ଅଭିଶପ୍ତ ଚିଠି ନଆସି ବରଂ ଭଲ ହେଉଚି । ମଣିଷକୁ ଆନନ୍ଦରେ ବଞ୍ଚିବାକୁ ଦେବେନାହିଁ ଏମାନେ ।

ସିଗାରେଟ୍‌ର ନୀଳ ହାଲୁକା ଧୂଆଁ ଅତିକ୍ରମ କରି ଶିଶିର ଦୁଲିଚି । କେଉଁଦିନ ରାତି ନ'ଟା ପୂର୍ବରୁ ସମର ଫେରେନାହିଁ । ଦୈବାତ୍ ସେଦିନ ସାଢ଼େ ସାତଟାରେ ହାଜର । ତମସାକୁ ନିବିଡ଼ ଆଶ୍ଲେଷରେ ଚୁପି ଧରି ତାର ଆରକ୍ତ ଗଣ୍ଡ ପାଖକୁ ମୁହଁ ନେଇଚି ମାତ୍ର; ସମର ଭିତରକୁ ପଶି ଆସିଲା । ଆଶ୍ଲେଷ ଶିଥିଳ ହୋଇ ଆସିଲା । ଉଃ, ଏବେ ବି ପୋଡ଼ି ଉଠୁଚି···ଧକ୍‌କା ଦେଇ ସମର ବାହାର କରି ଦେଇଥିଲା ।

ବାହାରକୁ ଆସିବା ପରେ ତମସାର କ୍ରନ୍ଦନ ଶୁଭି ଆସିଲା । ଦୁଇ ତିନିଦିନ ପରେ ରାସ୍ତା ଉପରେ ଦେଖା ।

'ନନ୍‌ସେନ୍‌ସ, ଆଉ ଯଦି କେବେ ମୋ ଘରେ ପାଦ ଦେଉ—'

'କଣ ହେବ ଶୁଣେ ?'

'କୁକୁର ପରି ଗୁଳି କରି ମାରି ଦେବି । ଚରିତ୍ରହୀନ, ସ୍କାଉଣ୍ଡ୍ରେଲ୍, ଫୁଲ୍ । ଅବସ୍ଥାର ସୁଯୋଗ ନେଇ ଏତେ ଆଗେଇ ପାରୁ ? ଜାଣିଚୁ ସମର ରାଏକୁ ? ସାବଧାନ ଷ୍ଟୁପିଡ୍, ଯଦି କେବେ ···'

ସଂଧ୍ୟା ହୋଇଥିଲେ ଶ୍ରୀଯୁକ୍ତ ସମର ରାଏ ଏତେବେଳକୁ ନନ୍ଦନକାନନର ପାରିଜାତ କୁଞ୍ଜରେ ଅପ୍ସରା ଅଙ୍ଗନାଙ୍କ ଅଧର-ମଧୁ ପାନ କରୁଥାନ୍ତେ ! ଗୋଟାଏ ରିଭଲଭର୍ ଯଦି ମିଳନ୍ତା !

ସିଗାରେଟ୍‌କୁ ପକାଇ ଦେଇ ଶିଶିର ଜୋତା ସୋଲରେ ଦଳି ଦେଲା । କୃଷ୍ଣାର ଘର ନିକଟ ହୋଇ ଆସିଲାଣି ।

କୃଷ୍ଣାର ଦ୍ୱାର ବନ୍ଦ ଅଛି । ଝରକାର ରେଲିଂ ଦେଇ ସବୁଜ ଆଲୋକର ଗୋଟାଏ ଫଳକ ଆସି ରାସ୍ତା ଉପରେ ପଡ଼ିଛି । ଶିଶିର ବାରଣ୍ଡା ଉପରକୁ ଉଠିଗଲା । ନର୍ତ୍ତକୀ କୃଷ୍ଣା ନୃତ୍ୟ କରୁଛି । କୃଷ୍ଣାର ଅପରୂପ ଲାବଣ୍ୟର ଊର୍ମି ସବୁଜ ଆଲୋକରେ ନାଚି ନାଚି ଉଠୁଛି । ନିଟୋଳ ଯୌବନର ସବଳ ମାଂସପେଶୀ ନୃତ୍ୟର ଛନ୍ଦରେ ଫୁଲି ଫୁଲି ଉଠୁଛି ! ସୋଫାରେ, ଏଁ, ଏଇ ନରେନ୍ଦ୍ର ! ଫେଲ୍‌ଟ କ୍ୟାପ୍‌ଟା ଟିପୟ ଉପରେ ରଖା ହୋଇଛି । ନରେନ୍ଦ୍ର ଚୁରୁଟଟାଏ ଧରି ଟାଣୁଛି, ଆଉ ଅପଲକ ନେତ୍ରରେ ଅନାଇ ରହିଛି ଯୁବତୀ କୃଷ୍ଣାର ଉଚ୍ଛଳ ଯୌବନକୁ ।

ଶିଶିର ଦୃଷ୍ଟି ଫେରାଇ ଆକାଶକୁ ଅନାଇଲା ।

ଆକାଶରେ ଚନ୍ଦ୍ର ଏଇମାତ୍ର ଉଦୟ ହୋଇଛି । ରାସ୍ତାର ହିମ ନିଷ୍ପ୍ରଭ ଲାଇଟ୍‌କୁ ଜ୍ୟୋତ୍ସ୍ନା ମ୍ଳାନ କରିଛି । ଏପରି ଏକ ଜ୍ୟୋତ୍ସ୍ନା ପ୍ଳାବିତ ରଜନୀରେ କୃଷ୍ଣାର ଯୌବନକୁ ନିଃଶେଷ କରି ଦେବାକୁ ଇଚ୍ଛା ହୁଏ । ନା, ଆଜି ଆଉ ନୁହେଁ ।

ରାସ୍ତା ଉପରକୁ ଶିଶିର ଓହ୍ଲାଇଲା ।

କାହା ଘରୁ ଭାସି ଆସୁଛି ଗୋଟିଏ ସ୍ତ୍ରୀର କ୍ରନ୍ଦନ, ପୂର୍ଣ୍ଣିମାର ଜୁଆର ପରି ଲହରୀ ପରେ ଲହରୀ । ସୁରମା ଏମିତି କାନ୍ଦେ ।

ତାହଲେ କିଏ କଣ କରିବ ? ଏଥିପାଇଁ ଦାୟୀ କିଏ ? ଯେଉଁ ମୁହୂର୍ତ୍ତ ପାଇଁ ଯିଏ ଦରକାର, ସେଇ ମୁହୂର୍ତ୍ତରେ ତାର ମୂଲ୍ୟ ଥାଇପାରେ, କିନ୍ତୁ ପର ମୁହୂର୍ତ୍ତରେ ସେ ଯେ ମୂଲ୍ୟହୀନ । ବଧୂ ସୁରମା ଭାବିଥିଲା ଅଶ୍ରୁର ପ୍ଲାବନରେ ଭୁଲାଇ ରଖିବ ଶିଶିରକୁ । କିନ୍ତୁ ଶିଶିର ଯେ ଚିର ବନ୍ଧନହୀନ । ମୁକ୍ତ ପକ୍ଷୀକୁ ବନ୍ଦୀ କରିବାକୁ ଚାହିଁଲା ମାତ୍ରେ, ସେତ ଆପେ ଆପେ ଆସି ଧରା ଦେବନାହିଁ ତମର ଫାଶରେ । ଯିଏ ବାନ୍ଧିବାକୁ ଯାଇଛି ସେ ପାଇଛି କ୍ଷତ, ସେ ପାଇଛି ଦହନ । ଆଜି ସୁକୋମଳା ରମା ?

କେମିତି ଚଳୁଥିବ ସୁରମା ? ଦୀର୍ଘ ଦୁଇବର୍ଷ ବିତିଗଲାଣି । ସେ ଦୁଇବର୍ଷ ତଳେ ମାତ୍ର ଗୋଟାଏ ଜୀର୍ଣ୍ଣ କୁଟୀରରେ ତାକୁ ଛାଡ଼ି ଚାଲି ଆସିଥିଲା । ଜୀର୍ଣ୍ଣ କୁଟୀରରେ ସମ୍ବଳହୀନ ହୋଇ କେମିତି ଚଳୁଥିବ ସେ ? ଛିକ୍, ଚୋର କଣ ଅଛି ସେଥିରେ ? ଆନନ୍ଦ ଦରକାର, ଦରକାର ପ୍ରାଣ ପ୍ରାଚୁର୍ଯ୍ୟ ।

କେତେଟା ବାଜିବ ? ତମସା କହୁଥିଲା ସମର ଆଜ ରାତି ଦୁଇଟାରେ ଫେରିବ । ତମସାର ଆଦରଜଷ୍ଟୁ ଅଙ୍କରେ ରାତି ଗୋଟାଏ ଯାଏ ସୁନ୍ଦର ଆଶ୍ରୟ ମିଳିବ ।

ହାଃ—ହାଃ—ହାଃ ସମର ଗାଏ, ସହାନୁଭୂତିରେ ତମପାଇଁ ଆଖି ଓଦା ହୋଇଆସେ । ତମସାକୁ କେନ୍ଦ୍ର କରି ଗଢ଼ିଥାଏ ତମର ଅପୂର୍ବ ସଂସାର । ଶିଶିରର ସେଥିରେ କଣ ଯାଏ ଆସେ ? ସେଥିରେ ବାଧାଦେବା ତାର ଅଭିଳାଷ ନୁହେଁ । ତମସାକୁ ସେ ଚାହେଁ ନାହିଁ, ଚାହେଁ ତା ସଙ୍ଗେ ଏହିପରି ଏକ ସଜିବ କୋଟୋଟି ସ୍ୱପ୍ନବିଭୋର ମୁହୂର୍ତ୍ତ !

ବ୍ଲୁ ବାରକୁ ଉଠିଯାଇ ଶିଶିର କହିଲା, ଏକ ପେଗ୍ ସ୍କଚ୍ ହୁଇସ୍କି । ଟ୍ରେସ୍ୱରେ ଏକପେଗ୍ ହୁଇସ୍କି ଥୋଇ ଦେଇଗଲା ।

ନିଶବ୍ଦରେ ଉଠି ଯାଉଚି କପ୍, ପୁଣି ଖସି ଆସୁଛି ଟେବୁଲ ଉପରକୁ । ସେ ପାଖ ଲୋକଟାକୁ କେଉଁଠି ଦେଖିଲା ପରି ମନେ ହେଉଚି । ସିନେମାରେ ବୋଧହୁଏ ।

*　　　　*　　　　*

ଦ୍ୱାରରେ ଦୁଇଥର ଧକ୍କା, ଠକ୍, ଠକ୍ । ଦ୍ୱାର ଫିଟିଲା । ଶିଶିର ଭିତରକୁ ଗଲା । ମୁକ୍ତ କେଶୀ ତମସା ଆଗରେ ଠିଆ ହୋଇଚି ।

'ଏତେ ବେଳ ଯାଏ କେଉଁଠି ଥିଲ ?

'ଏଇତ ଆସୁଛି ।'

'ଦଶଟା ପନ୍ଦର ହେଲାଣି—'

ଦୁହେଁ ଆସି ଗୋଟାଏ ପଲଙ୍କ ଉପରେ ବସିଲେ ।

ତମସାକୁ ନିଜ ଆଡ଼କୁ ଟାଣିଆଣି ଶିଶିର କହିଲା, 'କି ସୁନ୍ଦର ତମେ !'

ତମସା ଗମ୍ଭୀର ଭାବରେ କହିଲା, 'ବର୍ତ୍ତମାନ କବିତ୍ୱ ଦେଖାଇବାର ବେଳ ନୁହେଁ ।'

ଶିଶିର ଆଶ୍ଚର୍ଯ୍ୟ ଭାବରେ ଚାହିଁଲା ତମସାକୁ ।

'ଚାଲ ଏ ସହର ଛାଡ଼ି ପଳାଇବା ! କେତେଦିନ ଏମିତି ଲୁଚି ଲୁଚି ତମେ ଆସୁଥିବ ? ଚାଲ ଦୂରକୁ ଯିବା । କେଶ ସୁଖରେ ବେଳ କଟିବ ।'

ଶିଶିର ପଚାରିଲା, ଟଙ୍କା ?

'ରାସ୍ତା ଖର୍ଚ୍ଚ ମୁଁ ଯୋଗାଡ଼ କରିଛି । ସମୟ ଅଳ୍ପ, ଚାଲ ।'

ଛୋଟ ସୁଟ୍‌କେଶ ଧରି ତମସା ବାହାରକୁ ଆସିଲା । ଦୁହେଁ ଗୋଟାଏ ରିକ୍‌ସାରେ ବସି ଷ୍ଟେସନ ଚାଲିଲେ ।

ରିକ୍‌ସା ମନ୍ଥର ଗତିରେ ଆଗେଇ ଚାଲିଲା । ଆଗରେ ଗୋଟାଏ ପର୍ଦ୍ଦା ଝୁଲୁଛି । ଶେଷରେ ତା'ହେଲେ ଏଇ ବନ୍ଧନ ବାକି ଥିଲା ! ତେବେ ସୁରମାର ବନ୍ଧନ··· । ପ୍ରତିବାଦ କରିବାକୁ ଇଚ୍ଛା ହେଉଛି । କିନ୍ତୁ ତମସା ନିକଟରେ ପ୍ରତିବାଦ ମୂଲ୍ୟହୀନ ।

ଦୁଇଟି ଆନତ ଆଖିରୁ ବହି ଚାଲିଛି ଅଶ୍ରୁ । ଓଃ ତମ ମନରେ କଣ ଏଇଆ ଥିଲା ? ତେବେ ବିବାହ କଲ କାହିଁକି ? ଓ ନିର୍ମମ, କି ନିଷ୍ଠୁର ତମେ !

ସୁରମାର ସ୍ୱୈରିଣୀ ଦେହ ଅପେକ୍ଷା କରି ରହିଛି । ଶିଶିର ଆସିବ, ଆସିବ ତାର ବଦ୍ଧମାପୁ ଶିଶିର । ସେ ତାକୁ ବିବାହ କରିଛି । ଅଗ୍ନି ତାର ସାକ୍ଷୀ । ଆକାଶର କୋଟି କୋଟି ତାରା, ଅତୀତର ଅସଂଖ୍ୟ ମୁହୂର୍ତ୍ତ, ଜ୍ୟୋତ୍ସ୍ନାନିଶିର ମଧୁର ବକୁଳ କୁଞ୍ଜ ସାକ୍ଷୀ ଅଛନ୍ତି । ସେ ବିବାହ ବନ୍ଧନକୁ ଛିନ୍ନ କରି ପାରେନା । ପଥହରା ଭ୍ରାନ୍ତ ପଥିକ ପୁଣି ଫେରିଆସିବ ସୁରମାର ଶାନ୍ତ ଅଙ୍କକୁ । କିନ୍ତୁ ତାର ଅପେକ୍ଷା ଅପେକ୍ଷାରେହିଁ ରହିବ । ଶିଶିର ଫେରିନାହିଁ, ଫେରିପାରେନା ବନ୍ଧନହୀନ ଶିଶିର ।

ତମସାର ସାନ୍ନିଧ୍ୟ ଦେହରେ ପୁଲକ ଆଣୁଛି । ମଉଳିତ କବରୀର ମୁକୁଳିତ ସୌରଭ ଉନ୍ମାଦ କରି ତୋଳୁଛି । ଆଗାମୀ

କୋଟି କୋଟି ବର୍ଷ ଯାଏ ତମସାର ମୃଦୁଳ ଅଙ୍କରେ ନିଦ୍ରାଗଲେ କି ଆରାମପ୍ରଦ ହୁଅନ୍ତା ସତେ । ତମସାର କୋମଳ ବାହୁଲତାକୁ ଜୋର୍‌ରେ ଚାପି ଧରିଲା ଶିଶିର । ସ୍ତିମିତ ଯୌବନକୁ ଗତିବାନ୍ କରିବାକୁ ହେଲେ ରଙ୍ଗିଣୀ କୃଷ୍ଣାର ଭ୍ରୂବିଳାସ ତଳେ ଆତ୍ମ ନିବେଦନ କରିବା ଉଚିତ । ତାର ମଞ୍ଜୁଳ ଅଳକରେ ଜୀବନ ଅଳକାର ସନ୍ଧାନ ମିଳେ । କିନ୍ତୁ କୃଷ୍ଣାର ସେ ପ୍ରସ୍ତାବକୁ ଫିଙ୍ଗି ଦେଲା କାହିଁକି ? ନିର୍ମମ ପ୍ରତ୍ୟାଖ୍ୟାନରେ ଅନେକଥର କୃଷ୍ଣାକୁ ଆଘାତ ଦେଇଚି । ନୀଡ଼ ରଚନା କରିବା ପାଇଁ ଶିଶିରର ଜନ୍ମ ନୁହେଁ । ସେ ଆନନ୍ଦ ଚାହେଁ, ମାତ୍ର ବନ୍ଧନ ନୁହେଁ ।

ତମସାକୁ ଓ୍ୱେଟିଂ ରୁମ୍‌ରେ ବସାଇ ଦେଇ ଶିଶିର ଟିକେଟ ପାଇଁ ଆସିଲା । ପାଞ୍ଚଟଙ୍କାର ନୋଟ । ଅକ୍ଳେଶରେ ଚଳିହୁଅନ୍ତା ଦୁଇଦିନ । କେଉଁଆଡ଼େ ଯିବ ତମସା ? କେଉଁଆଡ଼େ ଯିବ ବା ଶିଶିର ?

ସ୍ୱାଧୀନତା ? ଚମତ୍‌କାର ସ୍ୱାଧୀନତା ! ଶିଶିର, ଶେଷରେ ଧରା ଦେଲା ତମସାର ବନ୍ଧନରେ । ତମସାର କଟାକ୍ଷରେ ଭାଙ୍ଗି ପଡ଼ିଚି ତାର ଗତିମୁକ୍ତ ପକ୍ଷ ।

ଆଖି ଆଗରେ ଭାସି ଉଠୁଚି ସୁକୁମାର ପାଣ୍ଡୁର ମୁଖ, ନାଚି ଉଠୁଚି କୃଷ୍ଣାର ତରଙ୍ଗାୟିତ ଅବୟବ···ଆମଠାରୁ କଣ ତମସା ବଡ଼ ?

ହୁଇସ୍‌ଲି ତା କାର୍ଯ୍ୟ ଆରମ୍ଭ କରି ଦେଲାଣି । ମୁଣ୍ଡ ବୁଲାଇବାକୁ ଆରମ୍ଭ କରିଚି । ବ୍ୟଥାମ୍ଳାନ ଓଠରେ ନିସ୍ତେଜ କ୍ଷୀଣ ହସ । ବଦାମ୍ନ, ବଦାମ୍ନ । ତମେ ସିନା ଭୁଲି ଯାଇଚ ମତେ

କିନ୍ତୁ ମୁଁ ଭୁଲି ପାରିନି, ଭୁଲି ପାରିନି ତମର ସେଇ ହସ ହସ ମୁହଁକୁ—

ଅଧ୍ୟାପକ ବୀରେନ୍ଦ୍ର ସାମଲ, ନରେନ୍ଦ୍ରର ଫେଲ୍ଟ କ୍ୟାପ୍ଟା । ଚୁରୁଟ୍ରୁ କୁଣ୍ଡଳୀ ଖାଇ ଧୂଆଁ ଉଠୁଚି ଉପରକୁ । ନର୍ତ୍ତକୀ କୃଷ୍ଣା ନାଚି ଚାଲିଚି ଅପରୂପ ଛନ୍ଦରେ । ଅଧ୍ୟାପକଙ୍କ ଓଠରେ ଖେଳି ଉଠୁଚି ବିଦ୍ରୂପର ହସ, ବନ୍ଧନହୀନ ଜୀବନ ଯନ୍ତ୍ରଣାରେ ମୁକ୍ତି ତମସା କଣ ଏକମାତ୍ର ପାଥେୟ ?

ବାଡ଼ି ଉପରେ ଚାପ ଦେଇ ସମ୍ମୁଖକୁ ଚାଲି ପଡ଼ୁଛନ୍ତି ଅଧ୍ୟାପକ । ଆଖିରେ ସେଇ ସ୍ତିମିତ ଚାହାଁଣୀ ।

ସମର କହୁଚି, ଧନ୍ୟବାଦ ବନ୍ଧୁ, ଧନ୍ୟବାଦ । ମତେ ଆଜି ମୁକ୍ତି ଦେଇଥିବାରୁ ଧନ୍ୟବାଦ ଜଣାଉଚି, ହିଃ—ହିଃ—ହିଃ...

ସେଇ ବିକୃତ ହସ ବାରମ୍ବାର ପ୍ରତିଧ୍ୱନି କରି ଉଠୁଚି, ହିଃ—ହିଃ—ହିଃ, ହାୟ ଶିଶିର ! ଚମତ୍କାର ତମର ସ୍ୱାଧୀନତା !

ଶିଶିର ରାସ୍ତାରେ ଦୌଡ଼ିବାକୁ ଆରମ୍ଭ କଲା । ସେ ଆନନ୍ଦ ପାଇଁ ବନ୍ଧନ ବରିବାକୁ ପ୍ରସ୍ତୁତ ନୁହେଁ । ନମସ୍କାର ସୁନ୍ଦରୀ ତମସା, ନମସ୍କାର ତମର ବିମଳ ପ୍ରେମକୁ ।

ଗୋଟାଏ ପାର୍କ ଭିତରକୁ ଶିଶିର ପଶିଗଲା । ମୁଣ୍ଡଟା ଖୁବ ବୁଲାଉଚି, ଆଖି ଦୁଇଟା ଲାଗି ପଡୁଚି ଯେପରି । ଉଃ, ମଣିଷ ମୁକ୍ତି ପାଇଲା ।

ଉପରେ ଏଇ ଶାନ୍ତ ଉଦାର ଆକାଶ, ତଳେ ଏଇ ଶ୍ୟାମଳ କୋମଳ ଧରଣୀମାତାର ଅଙ୍କ, ଚତୁର୍ଦ୍ଦିଗରେ ଏଇ ଜ୍ୟୋତ୍ସ୍ନା ଚପଳ ଯାମିନୀ ଜୀବନରେ, ଦୁଃଖ କଣ ?

ଘାସର ସବୁଜ ଆସ୍ତରଣ ଉପରେ ମୁଣ୍ଡତଳେ କୋଠ୍‌ଠା ଦେଇ ଶିଶିର ଆଖି ବନ୍ଦ କଲା ।

---

ନଂ 2278
17 JUL 1959